ପାଇଁ ମୁଖ୍ୟମନ୍ତ୍ରୀଙ୍କ ୬.୩ ଲକ୍ଷ ଟଙ୍କା ସହାୟତା ଘୋଷଣା

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.113 Bhubaneswar Thursday June 08 2023 | ୨୬ତମ ବର୍ଷ ସଂଖ୍ୟା–୧୧୩ ଭୁବନେଶ୍ୱର, ଗୁରୁବାର, ଜୁନ ୦୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ୫ଦିନ ପରେ ବି ଚିହ୍ନଟ ହୋଇପାରୁନି ୮୭ଜଣଙ୍କ ଶବ : ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସହାୟତା ନେଲା ରେଳବାଇ



ବାଲେଶ୍ୱର/ଭୁବନେଶ୍ୱର, ୭।୬ (ପି.ଏନ): ବାଲେଶ୍ୱର ଜିଲ୍ଲାର ବାହାନଗା ଭୟାବହ ଟ୍ରେନ ଦୁର୍ଘଟଣାକୁ ୫ଦିନ ବିତିବା ପରେ ବି ଆଉ ମୃତ ୮୭ଜଣ ଯାତ୍ରୀଙ୍କ ପରିଚୟ ମିଳିପାରିନି । ଏହି ସମସ୍ତ ୮୭ଜଣଙ୍କ ଶବକୁ ଏବେ ଭୁବନେଶ୍ୱରସ୍ଥିତ ଏମସ୍ ହସ୍ପିଟାଲରେ ବୈଜ୍ଞାନିକ ପଦ୍ଧତିରେ ସୁରକ୍ଷିତ ଭାବେ ରଖିଥିବାବେଳେ ଡିଏନଏ ଟେଷ୍ଟିଂ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପୋର୍ଟାଲ୍ ( ସଂଚାର ସାଥୀ) ମାଧ୍ୟମରେ ମୃତକଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି । 'ଆଧାର' ବାୟୋମେଟ୍ରିକ ଡିଭାଇସ୍ ସ୍କାନିଂ ଦ୍ୱାରା ମୃତକଙ୍କ ପରିଚୟ ଜାଣିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ଅଧିକାଂଶ ମୃତକଙ୍କ ଶରୀରରେ ଉପର ଚର୍ମ ନଷ୍ଟ ହୋଇଯାଇଥିବାରୁ ସେମାନଙ୍କ ପରିଚୟ ଜାଣିବାରେ ଆଧାର ବାୟୋମେଟ୍ରିକ ଡିଭାଇସ୍ ଫେଲ୍ ମାରିଥିବା ସୂଚନା ମିଳିଛି ।ଭୁବନେଶ୍ୱରସ୍ଥିତ ଏମସ ଅଧୀକ୍ଷକ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଦୁର୍ଘଟଣା ପରେ ମୋଟ ୧୨୩ଜଣ ମୃତକଙ୍କ ଶବ ଏମସକୁ ଆସିଥିଲା । ସେଥିରୁ ମୋଟ ୭୫ଜଣଙ୍କ ଶବ ଚିହ୍ନଟ ପ୍ରକ୍ରିୟା ଶେଷ ହେବାପରେ ସେମାନଙ୍କର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି । ବାକି ୪୮ଜଣଙ୍କ ମୃତଦେହ ଏମସରେ ଥିବାବେଳେ ଏବେ ବିଭିନ୍ନ ହସ୍ପିଟାଲରେ ଥିବା ବାକି ୩୯ଜଣଙ୍କ ମୃତଦେହକୁ ମଧ୍ୟ ଏମସକୁ ଅଣାଯାଇଛି । ଏବେ ମୋଟ ୮୭ଜଣଙ୍କ ଶବ ଏମସ ପରିସରରେ ସୁରକ୍ଷିତ ରହିଛି ।

## ଅମିତ ଶାହାଙ୍କ କଡା ଚେତାବନୀ ସ୍ୱରୂପ ମଣିପୁରରେ ହତିଆର ଫେରସ୍ତ ଆରମ୍ଭ



ନୂଆଦିଲ୍ଲୀ,୭।୬(ପି.ଏନ): କେନ୍ଦ୍ରୀୟ ଗୃହ ଏବଂ ସହକାରିତା ମନ୍ତ୍ରୀ ଜଣେ ଦୃଢ ବ୍ୟକ୍ତିତ୍ୱଧାରୀ ମଣିଷ । ତାଙ୍କ ପାଖରେ ସମସ୍ତ ସମସ୍ୟାର ସମାଧାନ ବାହାର କରିବାର ଅଲୌକିକତା ରହିଛି । ମଣିପୁର ସ୍ଥିତିର ଗମ୍ଭୀରତାକୁ ପରଖି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସବୁଠାରୁ ଭରଷାଯୋଗ୍ୟ ମନ୍ତ୍ରୀ ଅମିତ ଶାହଙ୍କୁ ବିଶୃଙ୍ଖଳିତ ଦୁଇ ସମୁଦାୟଙ୍କ ମଧ୍ୟରେ ମଧ୍ୟସ୍ଥତା କରିବା ଓ ହିଂସା ପ୍ରଭାବିତ ଅଞ୍ଚଳରେ କେମିତି ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ହେବ ଏହାର ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଏଭଳି ଏକ ଗମ୍ଭୀର ସ୍ଥିତିରେ ଶ୍ରୀ ଶାହ ହିଁ ସବୁର ସମାଧାନ କରିପାରିବେ ବୋଲି ସମସ୍ତଙ୍କର ଏକ ବିଶ୍ୱାସ ରହିଛି । ଶ୍ରୀ ଶାହ ସୋମବାରକୁ ସଙ୍କଟଗ୍ରସ୍ତ ରାଜ୍ୟକୁ ଚାରି ଦିବସୀୟ ଗସ୍ତର ଆରମ୍ଭ କରିଥିଲେ । ସେ ଗଣ୍ଡଗୋଳ କରୁଥିବା ଦୁଇ ଗୋଷ୍ଠୀ, ନାଗରିକ ସମାଜ, ପ୍ରଶାସନ ଏବଂ ସମସ୍ତ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ରୂପରେ ପ୍ରଭାବିତ ହୋଇଥିବା ଲୋକଙ୍କ ସହ ବିଚାର ବିମର୍ଶ କରିଥିଲେ । ମାମଲାର ନିୟନ୍ତ୍ରଣ କରିବାକୁ ହତିଆର ରଖିଥିବା ଉଗ୍ରବାଦୀମାନଙ୍କୁ ଚେତାବନୀ ଦେଇଥିଲେ ଯେ, ଯେଉଁମାନେ ଶିଘ୍ର ରୁ ଶିଘ୍ର ଯଦି ହତିଆର ପୋଲିସ ଷ୍ଟେସନରେ ନଦେବେ ତେବେ ତାଙ୍କ ବିରୁଦ୍ଧରେ ବଡ କାର୍ଯ୍ୟାନୁଷ୍ଠାନ ହେବ । ତାଙ୍କର ଗସ୍ତର ଅନ୍ତିମ ଦିନ ଗୁରୁବାରକୁ ଶ୍ରୀ ଶାହ କହିଥିଲେ ଯେ, ହତିଆର ରଖିଥିବା ବ୍ୟକ୍ତି ବିଶେଷ ପୁଲିସର ପାଖରେ ଆତ୍ମସମର୍ପଣ କରିବାକୁ ପଡିବ । ତଲାସୀ କାର୍ଯ୍ୟ ଆରମ୍ଭ ହେବ, ଯାହା ପାଖରେ ହତିଆର ମିଳିବ ତା' ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ।ଚେତାବନୀ ଏକ ଚମତ୍କାର ଭାବେ କାର୍ଯ୍ୟ କରିଥିଲା ଏବଂ ପରିଣାମ ଦେଖାଯାଇଥିଲା । ଶ୍ରୀ ଶାହଙ୍କ ଚେତାବନୀର କିଛି ଘଣ୍ଟାର ଭିତରେ ୧୫୦ରୁ ଉର୍ଦ୍ଧ୍ୱ ହତିଆର ସରେଣ୍ଡର କରିଥିଲେ । ଏ ଭଳି ଉଦାହରଣ ବିଗତ ଦିନମାନଙ୍କରେ ବହୁତ ରହିଛି । ଘଟଣାର ପୁରା ପ୍ରକରଣରେ ଶ୍ରୀ ଶାହଙ୍କ ନେତୃତ୍ୱ, କ୍ଷମତା ଏବଂ ପ୍ରଶାସନିକ ଦକ୍ଷତାର ଦୃଢ ଉଦାହରଣ ସୃଷ୍ଟି କରିଛି । ଅତୀତରେ ଏଭଳି କୌଣସି ନେତା କିମ୍ବା ବ୍ୟକ୍ତିଙ୍କ ଉଦାହରଣ ମିଳିବା ସମ୍ଭବ ନୁହେଁ । ସେ ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ କଠିନ ସମସ୍ୟାର ସରଳ ସମାଧାନ କରିବାରେ ସିଦ୍ଧହସ୍ତ । ଯୁଦ୍ଧରତ ଦୁଇ ଗୋଷ୍ଠୀର ଚିନ୍ତାଧାରାକୁ ବଳି ପକାଇ ଶ୍ରୀ ଶାହଙ୍କ ବାକ୍ୟକୁ ବିଶ୍ୱାସକୁ ନେଇ ହତିଆର ଫେରାଇବାର ବ୍ୟବସ୍ଥା କରିଥିଲେ । ଏହି ଘଟଣାରେ ଶ୍ରୀ ଶାହ ତାଙ୍କର ପ୍ରଶାସନିକ ଦକ୍ଷତାର ଦୃଷ୍ଟାନ୍ତ ଦେବା ସହ ତାଙ୍କର ନରମ ପକ୍ଷ ମଧ୍ୟ ସାମ୍ନାକୁ ଆସିଥିଲା । ସେ ଜୀବିକା ଓ ସୁରକ୍ଷା ଉପରେ ମଧ୍ୟ ଚିନ୍ତା ପ୍ରକଟ କରିଥିଲେ । ଛାତ୍ରମାନଙ୍କ ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ, ମୃତକଙ୍କ ପରିବାରକୁ ଟ.୧୦ଲକ୍ଷର ରାଶି କ୍ଷତିପୂରଣ ହିସାବରେ ଦିଆଯିବ । ବିଶେଷ ଚିକିତ୍ସା ଅଧିକାରୀ ହିଂସା ପ୍ରଭାବିତ ଅଞ୍ଚଳରେ ସେମାନଙ୍କର କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ । ପ୍ରଥମରୁ ହିଁ ସେ ରିଟାୟାଡ ଜଜଙ୍କ ତତ୍ତ୍ୱାବଧାନରେ ଏକ ଯାଞ୍ଚ ସମିତି ଗଠନ କରିସାରିଛନ୍ତି । ମଣିପୁରରେ ହିଂସା ମାମଲାର ଯାଞ୍ଚ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ)ର ଏକ ବିଶେଷ ଟିମ୍‌କୁ ଦିଆଯିବ । ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି ସମିତିର ଗଠନ କରାଯିବ । ଏହି ଯାଞ୍ଚ କୌଣସି ବିନା ପୂର୍ବାଗ୍ରହ ଓ ଭେଦଭାବରେ କରାଯିବ । କାହାରିକୁ ସଂନ୍ଦେହ ନାହିଁ ଯେ, ମଣିପୁରରେ ପୁଣି ଶାନ୍ତି ଓ ମୈତ୍ରୀ ପୁଣି ପୂର୍ବାବସ୍ଥା ଫେରିପାଇବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

## ଡଙ୍ଗା ବୁଡି ୨ ନିଖୋଜ

ମାଲକାନଗିରି, ୭।୬(ପି.ଏନ): ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡା ଘାଟିର ଅଣ୍ଡରାହାଲ ପଞ୍ଚାୟତ ସିନ୍ଧିଗୁଡା ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନଦୀ ପାର ହେଉଥିବା ସମୟରେ ଡଙ୍ଗା ବୁଡି ୨ ଜଣ ନିଖୋଜ ହୋଇଛନ୍ତି । ପୋଲିସ ସୂଚନା ଅନୁସାରେ, ରାସବେଡା ପଞ୍ଚାୟତର ତୁମାପଦର ଗ୍ରାମର ୨ ଜଣ ବ୍ୟକ୍ତି ଆନ୍ଧ୍ରପ୍ରଦେଶର ପଡ଼ାପଦର ଗ୍ରାମରୁ ଘରକୁ ଗତକାଲି ଅପରାହ୍ନ ରେ ଫେରୁଥିଲେ ।ନଦୀ ପାର ହେଉଥିବା ସମୟରେ ଡଙ୍ଗା ବୁଡି ସେମାନେ ନିଖୋଜ ହୋଇଯାଇଛନ୍ତି । ନିଖୋଜ ବ୍ୟକ୍ତି ହେଉଛନ୍ତି ବଳରାମ କିଡିଙ୍ଗି ଓ ସଞ୍ଜିତ କିଡିଙ୍ଗି । ଗତକାଲି ରେ ଖବରପାଇ ମୁଦୁଲିପଡ଼ା ପୋଲିସ ଏବଂ ଅଗ୍ନି ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦିନ ତମାମ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ । କିନ୍ତୁ କୌଣସି ସୁଫଳ ହେଲାନାହିଁ । ପୁଣି ଆଜି ଉଦ୍ଧାର କାର୍ଯ୍ୟ ଚାଲୁ ରଖିଛନ୍ତି ।

## ମୁକ୍ତା ଯୋଜନାରେ ୨୦୨୩-୨୪ ପାଇଁ ଅର୍ଥ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୭।୬(ପି.ଏନ): ରାଜ୍ୟସରକାରଙ୍କ ଫ୍ଲାଗସିପ ଯୋଜନା ମୁକ୍ତା ଯୋଜନାରେ ୨୦୨୩-୨୪ପାଇଁ ଅର୍ଥ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ । ୪୨୩.୮୭କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୧୦ଜିଲ୍ଲାର ୩୭ସ୍ଥାନୀୟ ସଂସ୍ଥାକୁ ୪୨୩.୮୭କୋଟି ଟଙ୍କା ମଞ୍ଜୁର କରାଯାଇଛି । ଦୁଇଟି ପର୍ଯ୍ୟାୟରେ ୩୦ଟି ଜିଲ୍ଲା ପରିସରଭୁକ୍ତ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଜଗତସିଂହପୁର, ପୁରୀ, ଭଦ୍ରକ, କେନ୍ଦ୍ରାପଡା, କଟକ, ଖୋର୍ଦ୍ଧାର ୩୭ ULBକୁ ଅର୍ଥ ମଞ୍ଜୁର କରାଯାଇଛି । ଗତ ଦୁଇ ତାରିଖରେ ୧୦ଜିଲ୍ଲାର ୩୭ ULBଙ୍କ ସହ କଥା ହୋଇଥିଲେ ୫T ସଚିବ ଭିକେ ପାଣ୍ଡିଆନ । ମୁକ୍ତା ଯୋଜନାରେ ସହରାଞ୍ଚଳର ବିକାଶ ପାଇଁ କରିଥିଲେ ଆଲୋଚନା । ସହରରେ ମିନି ପାର୍କ, ଜଳବାୟୁ, ଖେଳ ପଡିଆ, ପିଲାଙ୍କ ପାର୍କ, ୱାକିଂ ଟ୍ରାକ୍, ଭେଣ୍ଡିଂଜୋନ ଆଦି ସାର୍ବଜନୀନ ଉପଯୋଗୀ କାର୍ଯ୍ୟ ହେବ । ଯୋଜନାର ସମସ୍ତ ପ୍ରକଳ୍ପ ମିଶନ ଶକ୍ତି ଦ୍ୱାରା କାର୍ଯ୍ୟକାରୀ ହେବ ।

## ଓଡ଼ିଶା ସମେତ ଭାରତବର୍ଷର ଚାଷୀ ଭାଇ ଭଉଣୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆଉ ଏକ ଉପହାର : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୭।୬(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଧାନ ସମେତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) କ୍ୱିଣ୍ଟାଲ ପିଛା ୧୪୩ ଟଙ୍କା ବୃଦ୍ଧି କରାଯାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ନିଷ୍ପତି ଓଡ଼ିଶା ସମେତ ଭାରତବର୍ଷର ଚାଷୀ ଭାଇ ଭଉଣୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆଉ ଏକ ଉପହାର । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) କ୍ୱିଣ୍ଟାଲ ପିଛା ୧୪୩ ଟଙ୍କା ବୃଦ୍ଧି କରାଯାଇଛି । ଯାହା ଫଳରେ ଧାନର ଏମଏସପି ମୂଲ୍ୟ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କାରେ ପହଞ୍ଚିଛି । ୨୦୧୪-୧୫ ବର୍ଷରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୧୩୬୦ ଟଙ୍କା ଥିବା ବେଳେ ୨୦୨୨-୨୩ ବର୍ଷରେ ୨୦୪୦ ଟଙ୍କା ଥିଲା । କ୍ରମାଗତ ଏମଏସପି ବୃଦ୍ଧି କରି ଚାଷୀଙ୍କୁ ସ୍ୱାବଲମ୍ବୀ କରାଯାଉଛି ।ଧାନ ସମେତ ବିଭିନ୍ନ ଖରିଫ ଫସଲର ଏମଏସପି ବୃଦ୍ଧି ନିଷ୍ପତି ଚାଷୀଙ୍କ ସମୃଦ୍ଧି ଏବଂ କଲ୍ୟାଣ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । କୋଟି କୋଟି ଅନ୍ନଦାତାଙ୍କୁ ଲାଭ ଦେବାକୁ ଥିବା ଏହି ଆତ୍ମନିର୍ଭର କୃଷି ଓ ଆତ୍ମନିର୍ଭର କୃଷକ ଦିଗରେ ଆଉ ଏକ ପଦକ୍ଷେପ ।ସେହିପରି ବିଏସଏନଏଲର ନବୀକରଣ ପାଇଁ ୮୯ ହଜାର କୋଟି ଟଙ୍କାର ପ୍ୟାକେଜକୁ ଅନୁମୋଦନ ସ୍ୱାଗତଯୋଗ୍ୟ । ଏହି ଅର୍ଥର ବ୍ୟବହାର ବିଏସଏନଏଲର ୪ଜି ଓ ୫ଜି ସେବା ବୃଦ୍ଧି କରିବା ପାଇଁ ବ୍ୟୟବରାଦ କରାଯିବ । ଏହା ଦ୍ୱାରା ସମଗ୍ର ଭାରତବର୍ଷରେ ଇଣ୍ଟରନେଟର ବ୍ୟାପକ ବ୍ୟବହାର ବଢିବ ଏବଂ ନୂଆ ସୁଯୋଗ ଓ ସମ୍ଭାବନା ତିଆରି ହେବ ।ସେହିପରି ହୁଡା ସିଟି ସେଣ୍ଟରରୁ ସାଇବର ସିଟି ପର୍ଯ୍ୟନ୍ତ ମେଟ୍ରୋ ସଂଯୋଗ ଗେମ୍ ଚେଞ୍ଜର ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

## କୁଆପଥର ଓ ଘୁର୍ଣ୍ଣିଝଡରେ କ୍ଷତିଗ୍ରସ୍ତ ନାରାୟଣପାଟଣାର୨୧ ଆଦିବାସୀ ପରିବାର

ଭୁବନେଶ୍ୱର, ୭।୬(ପି.ଏନ): ନିକଟରେ କୁଆପଥର ଓ ଘୁର୍ଣ୍ଣିଝଡରେ କ୍ଷତିଗ୍ରସ୍ତ କୋରାପୁଟ ନାରାୟଣପାଟଣା ବ୍ଲକ ଲଙ୍ଗଲବେଡା ପଂଚାୟତର କନକପୁଟ ଓ ଦଳେଇପେଟା ଗାଁର ୨୧ଟି ଅତ୍ୟନ୍ତ ଗରିବ ଆଦିବାସୀ ପରିବାରଙ୍କ ଘର ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି ।ସେମାନଙ୍କ ଘରର ପୁନଃନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୬ ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ପ୍ରତି କ୍ଷତିଗ୍ରସ୍ତ ପରିବାର ୩୦,୦୦୦ ଟଙ୍କା ଲେଖାଏଁ ସହାୟତା ପାଇବେ ।

## ଆଗାମୀ ୪୮ ଘଂଟା ମଧ୍ୟରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୭।୬(ପି.ଏନ): ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି । ଆଗାମୀ ୪୮ ଘଂଟା ମଧ୍ୟରେ ମୌସୁମୀ କେରଳ ଛୁଇଁ ପାରେ । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ଏହି ଟ୍ୱିଟରେ କୁହାଯାଇଛି ଯେ -ମୌସୁମୀ ପାଇଁ ପାଗ ଅନୁକୂଳ !! କେରଳ ଉପକୂଳରେ ମେଘ ସମୂହର ଘଂନତ୍ୱ ବୃଦ୍ଧି, ପଶ୍ଚିମ ବାୟୁର ସକ୍ରିୟତା ତଥା ବାୟୁମଣ୍ଡଳର ମଧ୍ୟଭାଗ ଯାଏଁ ବ୍ୟାପ୍ତି ଏହା ସୂଚାଉଛି ଯେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ !

## ବାହାନଗାରେ ଦୁର୍ଘଟଣାର କାରଣ ଖୋଜୁଛି ସିବିଆଇ , ରେଳ ଅଧିକାରୀଙ୍କ ମୋବାଇଲ ଜବତ

ବାଲେଶ୍ୱର/ଭୁବନେଶ୍ୱର, ୭।୬(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ ଦୁର୍ଘଟଣାର କାରଣ ଖୋଜିବାକୁ ବୁଧବାର ପୁଣିଥରେ ଘଟଣାସ୍ଥଳରେ ପହଂଚିଛି ସିବିଆଇ ଟିମ୍ । ତଦନ୍ତର ଦ୍ୱିତୀୟ ଦିନରେ ବୁଧବାର ସିବିଆଇର ୧୦ ଜଣିଆ ଟିମ୍ ଦୁର୍ଘଟଣାସ୍ଥଳରେ ପହଂଚିଥିଲେ । ଟେକ୍ନିକାଲ ଏବଂ ଫରୋନ୍ସିକ୍ ଟିମ୍ ତୃତୀୟ ଥର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଆଜି ଏହି ଟିମ୍ ଘଟଣାସ୍ଥଳରେ ପ୍ରାୟ ୪୫ ମିନିଟ୍ ରହିଥିଲେ । ତଦନ୍ତ ବେଳେ ରେଳ ଅଧିକାରୀଙ୍କ ମୋବାଇଲ ଜବତ ହୋଇଥିବା ସୂଚନା ରହିଛି । କଲ୍ ରେକର୍ଡ, ହ୍ୱାଟସଆପ କଲ୍ ଓ ସୋସିଆଲ ମିଡିଆର ତଥ୍ୟ ସଂଗ୍ରହ କରୁଛି ସିବିଆଇ ।

## ଝୁଲନ୍ତା ଅବସ୍ଥାରେ ଇଞ୍ଜିନିୟରଙ୍କ ମୃତ ଦେହ ଠାବ

ଭୁବନେଶ୍ୱର, ୭।୬(ପି.ଏନ): ମୟୁରଭଂଜ ଜିଲ୍ଲାର ଜଶୀପୁରରେ ଝୁଲନ୍ତା ଅବସ୍ଥାରେ ଇଞ୍ଜିନିୟରଙ୍କ ମୃତ ଦେହ ଠାବ ହୋଇଛି । ମୃତକଙ୍କ ଘର ଉତ୍ତର ପ୍ରଦେଶରେ, ସେ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରୁଥିଲେ । ଯଶିପୁର ରେ ଏକ ଭଡା ଘରେ ତାଙ୍କ ମୃତ ଦେହ ଠାବ କରାଯାଇଛି । ମୃତ୍ୟୁ ର କାରଣ ଅସ୍ପଷ୍ଟ ରହିଛି । ଯଶିପୁର ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରା ଯାଇଥିବା ବେଳେ ଘଟଣା ସ୍ଥଳରେ ସାଇଁଟିଫିକ ଟିମ ର ତଦନ୍ତ ଜାରି ରହିଛି ।

## ଆଜି ଯୁକ୍ତ ୨ କଳା ରେଜଲ୍ଟ



ଭୁବନେଶ୍ୱର, ୭।୬(ପି.ଏନ): ଆସନ୍ତାକାଲି (ଗୁରୁବାର) ଯୁକ୍ତ ୨ କଳା ପରୀକ୍ଷାଫଳ ପ୍ରକାଶ ପାଇବ । ଏହାସହ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ମଧ୍ୟ ବାହାରିବ । ଗୁରୁବାର ଅପରାହ୍ନ ୪ଟାରେ ରେଜଲ୍ଟ ପ୍ରକାଶ ପାଇବ । ସିଏଚଏସଇର ୱେବସାଇଟ୍ ରେ ପରୀକ୍ଷା ଫଳ ଉପଲବ୍ଧ ହେବ ବୋଲି ସିଏଚଏସଇ ପକ୍ଷରୁ ସୂଚନା ଦିଆଯାଇଛି । ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୫ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ କଳାରେ ୨ ଲକ୍ଷ ୩୩ ହଜାର ୮୫୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେହିପରି ଧନ୍ଦାମୂଳକ ବିଷୟରେ ୫୦୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସୂଚନାଯୋଗ୍ୟ ଯେ ଗତ ମେ ୩୧ ତାରିଖରେ ଯୁକ୍ତ ୨ ର ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇଥିଲା । ଯୁକ୍ତ ୨ ବିଜ୍ଞାନରେ ପାସ୍ ହାର ୮୪.୯୩% ରହିଥିବା ବେଳେ ବାଣିଜ୍ୟରେ ୮୧.୧୨% ପାସ୍ କରିଥିଲେ । ବିଜ୍ଞାନରେ ୯୩,୭୩୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୮,୯୩୮ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ସେହିପରି ବାଣିଜ୍ୟରେ ମୋଟ୍ ୨୪,୦୮୨ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯,୫୩୬ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ।

## ଆମ୍ବୁଲାନ୍ସରେ ନିଆଁ ଲଗାଇ ଦେଲେ ବିକ୍ଷୋଭକାରୀ, ମା'-ପୁଅ ଜୀବନ୍ତ ଦଗ୍ଧ



ମଣିପୁର,୭।୬(ପି.ଏନ); ହିଂସାଗ୍ରସ୍ତ ମଣିପୁରରେ ଘଟିଛି ସାଂଘାତିକ ଘଟଣା । ଆମ୍ବୁଲାନ୍ସରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ । ଏଥିଯୋଗୁ ଆମ୍ବୁଲାନ୍ସରେ ଥିବା ୮ ବର୍ଷର ବାଳକ, ତାଙ୍କ ମା' ଓ ଆଉ ଜଣେ ସମ୍ପର୍କୀୟ ଜୀବନ୍ତ ଦଗ୍ଧ ହୋଇଛନ୍ତି । ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘର୍ଷ ଭିତରେ ଏତେ ବଡ ଘଟଣା ଘଟିଛି । ଆଦିବାସୀ ଓ ଅଣ ଆଦିବାସୀ ମଧ୍ୟରେ ଚାଲିଥିବା ସଂଘର୍ଷ ବେଳେ ହୋଇଥିବା ଗୁଳିମାଡରେ ଜଣେ ୮ ବର୍ଷର ପିଲା ଆହତ ହୋଇଥିଲା । ଆହତ ପୁଅକୁ ବଞ୍ଚାଇବା ପାଇଁ ତାଙ୍କ ମା' ଆମ୍ବୁଲାନ୍ସରେ ହସ୍ପିଟାଲ ନେଉଥିଲେ ।ସାଥୀରେ ଜଣେ ସମ୍ପର୍କୀୟ ମଧ୍ୟ ରହିଥିଲେ । ତେବେ ହିଂସ୍ର ହୋଇ ଉଠିଥିବା କିଛି ଲୋକ ମଣିପୁରର ପଶ୍ଚିମ ଇମ୍ଫାଲ ଠାରେ ଆମ୍ବୁଲାନ୍ସକୁ ମଧ୍ୟ ଆଗକୁ ଯିବାକୁ ଦେଇ ନଥିଲେ । ସେମାନେ ଏଥିରେ ନିଆଁ ଲଗାଇ ଦେବାକୁ ୩ ଜଣ ଯାକ ପ୍ରାଣ ହରାଇଛନ୍ତି ।

## ରସୁଲପୁର ବ୍ଲକରେ ସିଆରପି ଓ ଏମବିକେ ନିଯୁକ୍ତିରେ ଅନିୟମିତତା ଓ ଯାଂଚ କମିଟି ନାଁରେ ଚାଲିଛି ପ୍ରହସନ

ଧର୍ମଶାଳା,୭।୬(ପି.ଏନ): ଯାଜପୁର ଜିଲାର ଅନେକ ବ୍ଲକରେ ମିଶନ ଶକ୍ତି ନିଯୁକ୍ତିରେ ଅନିୟମିତତା ଓ ଅର୍ଥ କାରବାର ହେଉଥିବା ଅଭିଯୋଗ ଆସୁଛି । ଜିଲାର ବଡଚଣା ବ୍ଲକରେ ଏହି ଘଟଣା ପଦାକୁ ଆସିବା ପରେ ଏବେ ରସୁଲପୁର ବ୍ଲକରେ ସିଆରପି ଓ ଏମବିକେ ନିଯୁକ୍ତିରେ ବ୍ୟାପକ ଜାଲିଆତି ଓ ଚଂଚକତା ହେଉଥିବା ଅଭିଯୋଗ ଆସିଛି । ରସୁଲପୁର ବ୍ଲକ ରାଉତରାପୁର ପଂଚାୟତର ମିଶନ ଶକ୍ତି ମହିଳାମାନେ ଏହି ଅଭିଯୋଗ ଆଣିଛନ୍ତି । ତେବେ ଏଭଳି ଘଟଣାକୁ ନେଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ଏହି ଅନିୟମିତତା ଘଟଣାକୁ ନେଇ ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ପଂଚାୟତବାସୀ । ଯଦି ଏହି ଘଟଣାକୁ ଗୁରୁତ୍ୱ ଦିଆ ନ ଗଲେ ଆମାଗୀ ଦିନରେ ଶହଶହ ମହିଳାମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି ।ଅଭିଯୋଗ ମୁତାବକ,ସରକାର ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ଅସହାୟ ମହିଳାମାନଙ୍କୁ ସଶକ୍ତ କରାଯିବା ନିମନ୍ତେ ମିଶନ ଶକ୍ତି ଜରିଆରେ ମିଶନଶକ୍ତି ଗଠନ କରାଯାଇଛି । ବ୍ଲକରେ ମୁଖ୍ୟ ହେଉଛନ୍ତି ସିଡିପିଓ । ସିଡିପିଓଙ୍କ ଅଜଣାତରେ ବ୍ଲକ ପୋଗ୍ରାମର ମ୍ୟାନେଜର ନିଜ ମନମୁତାବକ କାର୍ଯ୍ୟ କରୁଥବବା ନେଇ ରାଉତରାପୁର ପଂଚାୟତର ମହିଳାମାନେ ଓ ଶାସକ ଦଳର ବିରୋଧୀମାନେ ଅଭିଯୋଗ ଆଣିଛନ୍ତି । ସିଆରପି ନିଯୁକ୍ତ ପିଛା ୩୦ ହଜାର ଟଙ୍କାରୁ ୫୦ ହଜାର ଓ ଏମବିକେ ନିଯୁକ୍ତ ପାଇଁ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି ବିପିଏମ ସୁପ୍ରଭା ଜେନା । ସରକାରୀ ନିୟମ ଅନୁଯାୟୀ ପ୍ରତି ପଂଚାୟତରେ ୪ରୁ୫ ଜଣ ସିଆପି ରହିବେ । ରାଉତରାପୁର ପଂଚାୟତରେ ୪ ଜଣ ସିଆପି ରହିବା ପାଇଁ ନିୟମ ରହିଛି । ସିଆରପି ନିଯୁକ୍ତିରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରା ନ ଯାଇ ଟଙ୍କା ଓ ନିଜ ସମ୍ପର୍କୀୟଙ୍କୁ ନିଯୁକ୍ତି ଦିଆଯିବା ସହ ଉପଯୁକ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ରକୁ ନାକଚ କରାଯାଉଛି । ଏବଂ ମନଇଚ୍ଛା ଅଭିଜ୍ଞତା ପ୍ରମାଣ ପତ୍ର ପ୍ରଦାନ କରୁନ୍ତି । ଅନ୍ୟପକ୍ଷେ ବିପିଏମ ୩ ବର୍ଷ କାର୍ଯ୍ୟକାଳରେ ରହିବା କଥା କିନ୍ତୁ ସେ ଏଠାରେ ୪ ବର୍ଷ ହେବ କାର୍ଯ୍ୟରେ ରହି ଆସୁଛନ୍ତି । ଏପରିକି ସେ ଜିଲାପାଳ ଓ ଡିପିଏମ ପତ୍ରକୁ ଅବଜ୍ଞା କରୁଛନ୍ତି । ସେ ବ୍ଲକର ବିଭିନ୍ନ ସ୍ଥାନରେ କୋଚିଂ ସେଂଟର କରି ସେଠାରେ ରହୁଛନ୍ତି । ବ୍ଲକ ଲେବୁଲ ଫେଡେରେସନରେ ପଂଚାୟତରେ ଏକ କମିଟିରେ ୧୧ ଜଣିଆ ସଭ୍ୟା ରହିବେ । କିନ୍ତୁ ରାଉପତରାପୁର ପଂଚାୟତରେ ତାହା ଅନିୟମିତତା ହୋଇଛି । ନିୟମ ଅନୁଯାୟୀ ରାଉତରାପୁର ମହାସଂଘର ସମ୍ପାଦିକା ଭାବେ ୪।୮।୨୧ ମସିହାରେ ରଂଜୁଲତାଙ୍କୁ ମନୋନୀତ କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଅନ୍ୟଜଣେ ମହିଳା ବିନା ଯୋଗ୍ୟତାରେ ଦେବମତୀ ପଲେଇ(ଆଲ୍ୟାସ) ବବିତାରାଣୀ ଦାସ କାର୍ଯ୍ୟ କରୁଛନ୍ତି । ଏପରି କି ସେ ଟ୍ରେନିଂ ଯିବା ସହ ଶାଢୀ ଓ ବ୍ୟାଚ ପାଇଛନ୍ତି । ଏପରି ଉକ୍ତ ମହିଳା ନିଯୁକ୍ତି ପାଇ ନଥିବା ସୂଚନା ଅଧିକାର ଆଇନ ବଳରେ ସିଡିପିଓ ସୂଚନା ପ୍ରଦାନ କରିଛନ୍ତି । ବିପିଏମ ସୁପ୍ରଭା ଜେନା ଗୋଷ୍ଠୀ ମଧ୍ୟରେ ଫାଟକ ସୃଷ୍ଟି କରିବା ସହ ବୈଦ୍ୟୁତିକ ସାମଗ୍ରୀ କିଣିବାକୁ ଏକ ନିର୍ଦ୍ଦିଷ୍ଟ ଦୋକାନରୁ କିଣିବାକୁ ଚାପ ପ୍ରୟୋଗ କରୁଛନ୍ତି । ଏପରିକି ଅସହାୟକ ମହିଳାଙ୍କୁ ଆର୍ଥିକ ପ୍ରୋତ୍ସାହନ ନ ଦେଇ ଯେଉଁ ମହିଳାମାନଙ୍କ ସ୍ୱାମୀ ସରକାରୀ ଚାକିରୀରେ ରହିଛନ୍ତି ସେମାନଙ୍କୁ ଅର୍ଥିକ ସହାୟତା ପ୍ରଦାନ କରାଉଥିବା ବେଳେ ବାର୍ଷିକ ୪୦ ହଜାର ଟଙ୍କାର ରୋଜଗାର ଥିବା ମହିଳାଙ୍କୁ ନିଯୁକ୍ତି ଦିଆ ନ ଯାଇ ବଡବଡିଆଙ୍କୁ ନିଯୁକ୍ତି ଦେଇଛନ୍ତି । ଯାଂଚ କମିଟି ନାଁରେ ପ୍ରହସନ ଚଳାଇଛନ୍ତି । ଏହି କମିଟିରେ ନିଜ ସପକ୍ଷ ସଭ୍ୟଙ୍କୁ ସହଯୋଗ କରୁଛନ୍ତି । ଅନ୍ୟପକ୍ଷେ ସଭାପତି ଓ ସମ୍ପାଦିକାଙ୍କୁ ଅନେକ ସମୟରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଉକ୍ତ ରାଉତରାପୁର ପଂଚାୟତକୁ ଅବହେଳା କରୁଛନ୍ତି । ବିଜ୍ଞାପନ ବାହାରିବାର ୫୨ ଦିନ ମଧ୍ୟରେ ନିଯୁକ୍ତି ଦିଆଯିବାର ନିୟମ ରହିଥିବା ବେଳେ ପଂଚାୟତରେ ୩ ମାସ ବିତିଯାଇଥିଲେ ମଧ୍ୟ କାହାରିକୁ ଅଦ୍ୟବଧି ନିଯୁକ୍ତି ଦିଆଯାଇ ନାହିଁ । ଏନେଇ ଗ୍ରାମବାସୀ ଜିଲାପାଳ , ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ,ଡିଷ୍ଟିକ୍ ପୋଗ୍ରାମ ମ୍ୟାନେଜର(ଡିପିଏମ) ଓ ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଛି । ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏକ ନିରପେକ୍ଷ ତଦନ୍ତ କରିବାକୁ ମହାସଂଘର ମହିଳାଙ୍କ ସମେତ ପଂଚାୟତର ପୂର୍ବତନ ସରପଂଚ ଲକ୍ଷ୍ମୀପ୍ରିୟା ସାହୁ,ପୂର୍ବତନ ସରପଂଚ ରବିନ୍ଦ୍ର ସାହୁ,ଅନିରୁଦ୍ଧ ପୃଷ୍ଟି,କୈଳାସ ଚନ୍ଦ୍ର ସାହୁ,ରମେଶ ସେଠୀ ଓ ବରିଷ୍ଠ ମୁରବୀମାନେ ଦାବି କରିଛନ୍ତି । ଏହାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ପଂଚାୟତବାସୀ ଚେତାବନୀ ଦେଇଛନ୍ତି ।

## ଟ୍ରେନ୍ ୱାଗନ ତଳେ ବସିଥିଲେ; ପବନ ଦେବାରୁ କଟିଗଲେ ୬ ଶ୍ରମିକ

ଭୁବନେଶ୍ୱର,୭।୬(ପି.ଏନ): ଜୋର ବର୍ଷା ପବନରୁ ରକ୍ଷା ପାଇବାକୁ ୭ ଶ୍ରମିକ ମାଲବାହୀ ଟ୍ରେନ୍ ୱାଗନ ତଳେ ପଶି ଯାଇଥିଲେ । ହେଲେ ୱାଗନଗୁଡିକ ଗଡି ଯିବାରୁ ଏହା ତଳେ ଚାପି ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ଆଜି ଅପରାହ୍ନ ୪ଟା ବେଳେ ଯାଜପୁର ରୋଡ ଷ୍ଟେସନରେ ଏହି ଅଘଟଣ ଘଟିଛି । ମୃତକମାନେ ହେଲେ ବନ୍ଦାଳୋ ପଞ୍ଚାୟତ ଗମ୍ଭାରିଆ ଅଞ୍ଚଳର ଗୌତମ ସାମଲ, ମାନସ ସାମଲ, ବାଲିଆପାଳ ଗ୍ରାମର ପ୍ରଶାନ୍ତ ଜେନା, ଭୀମସେନ ଜେନା, ସୁଶାନ୍ତ ଜେନା ଏବଂ ମୁକୁନ୍ଦପୁର ପଞ୍ଚାୟତ ଓଷଳା ଗ୍ରାମର ଦୋଳଗୋବିନ୍ଦ ପ୍ରଧାନ । ଗୁରୁତର ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋରୀର ଅଞ୍ଚଳର ଅମର ସାହୁ ଓ ନବଘନ ବାରିକ ।ସୂଚନା ମୁତାବକ, ୱାଗନଗୁଡିକ ଦୀର୍ଘ ଦିନ ଧରି ଯାଜପୁର ରୋଡ୍ ଷ୍ଟେଶନର ସେପ୍ଟି ଲାଇନ୍‌ରେ ଅଟକି ରହିଥିଲା । ଏଥିରେ ଇଂଜିନ୍ ଲାଗି ନଥିଲା । ରେଳ ଟ୍ରାକ୍ ମରାମତି ନିମନ୍ତେ ମୁତୟନ ଥିବା ଶ୍ରମିକମାନେ ବର୍ଷା ପବନ ଆସିବାରୁ ମାଲବାହୀ ଟ୍ରେନ୍ ୱାଗନ ତଳେ ପଶି ଯାଇଥିଲେ । ଏହି ସମୟରେ ଜୋର ପବନ ହେବାରୁ ୱାଗନଗୁଡିକ କିଛି ବାଟ ଗଡି ଯାଇଥିଲା । ଏହି ସମୟରେ ଶ୍ରମିକମାନେ ୱାଗନ ତଳୁ ବାହାରିବାକୁ ଚେଷ୍ଟା କରିବା ବେଳେ ଲୁହା ଚକାତଳେ ଚାପି ହୋଇ ଯାଇଥିଲେ ।









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍‌ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍‌ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍‌ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍‌ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍‌ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍‌ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍‌ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୂଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା’ ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରର୍ଥାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍‌ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍‌ ପରମାର୍‌ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍‌ କରିଥିଲେ କମ୍ପ୍ୟୁଟର ଇଂଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍‌ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍‌ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍‌ କୀ ବାତ୍‌ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ଓ୍ୱେବ୍‌ସାଇଟ୍‌



ଅନ୍‌ଲାଇନ୍‌ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍‌ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍‌ ନ୍ତରେଣ୍ଟଏବାଇଫଅଟୋବା ଡଟ୍‌ କମ୍‌’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍‌ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍‌ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ଓ୍ୱେବ୍‌ସାଇଟ୍‌ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ଓ୍ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍‌ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍‌ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍‌ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଗାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍‌ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




ଭୁବନେଶ୍ୱର, ୨୦୨୩, ଜୁନ ୦୮

# ଏଣିକି ଡାକ୍ତର ଲେଖିବେ ଜେନେରିକ୍ ଔଷଧ

ଡାକ୍ତରମାନେ ରୋଗୀଙ୍କ ପାଇଁ ଜେନେରିକ୍ ଔଷଧ ଲେଖିବାକୁ (ପ୍ରେସ୍କ୍ରାଇବ) କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ବାସ୍ତବରେ ଏହି ନିଷ୍ପତ୍ତି ଭାରତୀୟ ଔଷଧ କମ୍ପାନୀମାନଙ୍କୁ ଆନ୍ତର୍ଜାତୀୟ ଗୌରବ ପ୍ରଦାନ କରିବା ଦିଗରେ ଏକ ମାଇଲଖୁଣ୍ଟ ହେବ ବୋଲି କୁହାଯାଉଛି। ଜେନେରିକ୍ ଔଷଧ ପ୍ରସଙ୍ଗରେ ନିର୍ଦ୍ଦେଶନାମା ଜାରି କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ଯଦି କୌଣସି ଚିକିତ୍ସକ ରୋଗୀଙ୍କ ପ୍ରେସ୍କ୍ରିପ୍ସନରେ ଜେନେରିକ୍ ଔଷଧ ନ ଲେଖନ୍ତି ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦେଶର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡାକ୍ତର ଅତୁଲ ଗୋଏଲ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହିତ ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ମାନେ ଡାକ୍ତରଙ୍କୁ ଭେଟିବା ପ୍ରସଙ୍ଗରେ ମଧ୍ୟ ଏକ ନୂଆ ଦିଶାନିର୍ଦ୍ଦେଶ ଜାରି କରିଛନ୍ତି ଦେଶର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ। ପାଖାପାଖି ଏକ ଦଶନ୍ଧି ହେବ ବିଭିନ୍ନ ମଞ୍ଚରେ ଜେନେରିକ୍ ଔଷଧକୁ ନେଇ ବରାବର ଚର୍ଚ୍ଚା ଚାଲିଛି। ୨୦୦୮ରେ ଶାନ୍ତାକୁମାର ରାଜ୍ୟସଭାର ସାଂସଦ ହେବା ପରେ ତାଙ୍କୁ ବାଣିଜ୍ୟ ଉପରେ ଗଠିତ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ କରାଯାଇଥିଲା। ଏହି କମିଟି ସରକାରଙ୍କୁ ବାଣିଜ୍ୟ ପ୍ରସଙ୍ଗରେ ବିଭିନ୍ନ ପରାମର୍ଶ ଦେଇଥାଏ। ୨୦୧୧ରେ ଏହି କମିଟି ଭାରତରେ ଔଷଧ ଉଦ୍ୟୋଗରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଉପରେ ତର୍ଜମା କରି ଏକ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କମିଟି ତାଙ୍କ ରିପୋର୍ଟରେ ଭାରତୀୟ ଔଷଧ ନିର୍ମାତା କମ୍ପାନୀମାନଙ୍କୁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଜାଲରୁ ମୁକ୍ତ କରିବା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ରିପୋର୍ଟରେ ଜେନେରିକ୍ ଔଷଧକୁ ଲୋକପ୍ରିୟ କରାଇବା ଓ ଡାକ୍ତରମାନଙ୍କୁ ଜେନେରିକ୍ ଔଷଧ ଲେଖିବା ପାଇଁ ଆଇନଗତ ଭାବେ ବାଧ୍ୟ କରାଯିବାକୁ କମିଟି ପରାମର୍ଶ ଦେଇଥିଲେ। ରିପୋର୍ଟରେ ଭାରତୀୟ ଔଷଧ କମ୍ପାନୀମାନଙ୍କ ଉପରେ ବ୍ୟାପକ ଚର୍ଚ୍ଚା କରାଯାଇଥିଲା। ଅନେକ ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ମତାମତକୁ ମଧ୍ୟ


ଗୋପାଳ ମହାପାତ୍ର

ରିପୋର୍ଟରେ ସ୍ଥାନିତ କରାଯାଇଥିଲା। ବିଳମ୍ବରେ ହେଉ ପଛେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜେନେରିକ୍ ଔଷଧ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଦେଶସାରା ଏହି ଜେନେରିକ୍ ଔଷଧର ଦୋକାନ ସବୁ ଖୋଲାଯାଉଛି। ଜନଔଷଧି କେନ୍ଦ୍ର ମାଧ୍ୟମରେ ଦେଶର ସବୁ ଲୋକଙ୍କ ପାଖରେ ଜେନେରିକ୍ ଔଷଦ ପହଞ୍ଚାଇବାର ଉଦ୍ୟମ କରାଯାଉଛି। ଭାରତ ଭଳି ବିଶାଳ ଦେଶରେ ଅଧିକାଂଶ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ଏଣୁ ଏମାନେ ନିଜର ଚିକିତ୍ସା ପାଇଁ ଅଧିକ ବ୍ୟୟ କରିବାକୁ ଅକ୍ଷମ। ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟସେବା ମଧ୍ୟ ଅଧିକ ବ୍ୟୟବହୁଳ ହୋଇପଡ଼ିଛି। ଏକ ତଥ୍ୟ ଅନୁସାରେ ଭାରତୀୟ ପରିବାରମାନଙ୍କୁ ସେମାନଙ୍କର ଆୟର ୪୦ ପ୍ରତିଶତ ଔଷଧ କ୍ରୟ ପାଇଁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଷଷ୍ଠ ଦଶକ ବା ୬୦ ମସିହା ପୂର୍ବ ଓ ପର ସମୟରେ ଯେତେବେଳେ ଔଷଧ ବ୍ୟବସାୟରେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ପ୍ରବେଶ କରିନଥିଲେ ସେତେବେଳେ ସରକାରୀ ଡାକ୍ତରଖାନା ମାନଙ୍କରେ ଡାକ୍ତରମାନେ ରୋଗୀଙ୍କୁ ଜେନେରିକ୍ ଔଷଧ ଦେଉଥିଲେ। ସେତେବେଳର ଅବସ୍ଥା ଓ ବର୍ତ୍ତମାନର ଅବସ୍ଥା ମଧ୍ୟରେ ଅନେକ ଫରକ ରହିଛି ନିଶ୍ଚୟ। ଚିକିତ୍ସା କ୍ଷେତ୍ରରେ ବିଶ୍ୱସ୍ତରରେ ଅନେକ ବିକାଶ ଘଟିଛି। ଏକଥା ମଧ୍ୟ ସତ୍ୟ ଯେ ଏବେ ବହୁରାଷ୍ଟ୍ରୀୟ ଔଷଧ କମ୍ପାନୀମାନେ ଭାରତ ଔଷଧ ବ୍ୟବସାୟରେ ସେମାନଙ୍କ ଆଧିପତ୍ୟ ବଜାୟ ରଖିଛନ୍ତି ଓ ଦେଶର ଔଷଧ କମ୍ପାନୀମାନଙ୍କର ଅଧିକ କ୍ଷତି କରୁଛନ୍ତି।

ଭାରତରେ ନିର୍ମିତ ଔଷଧକୁ ବିଦେଶୀ ଔଷଧ କମ୍ପାନୀମାନେ ଜେନେରିକ୍ ଔଷଧ ଭାବେ ନାମକରଣ କରିଛନ୍ତି। କିଛି ସେଇ ଔଷଧକୁ ବ୍ରାଣ୍ଡେଡ୍ ଔଷଧର ଖୋଳରେ ଭରି ବିଦେଶୀ କମ୍ପାନୀମାନେ ଆମ ଦେଶରେ ଅଧିକ ମୂଲ୍ୟରେ ବିକ୍ରୀ କରୁଛନ୍ତି। ଜେନେରିକ୍ ଔଷଧ ଓ ବ୍ରାଣ୍ଡେଡ୍ ଔଷଧର ମୂଲ୍ୟରେ ଅଧିକ ପାର୍ଥକ୍ୟ ମଧ୍ୟ ରହୁଛି। ଉଦାହରଣ ସ୍ୱରୂପ - ସାଧାରଣ ଜ୍ୱର ପାଇଁ ଦିଆଯାଉଥିବା ଔଷଧ ପାରାସିଟାମୋଲ, କ୍ରୋସିନ୍ ଏବଂ ଡୋଲୋକୁ ନିଆଯାଇପାରେ। ଔଷଧ ଉଦ୍ୟୋଗରେ ପ୍ରବେଶ କରିଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ୧୪୦ କୋଟି ଜନସଂଖ୍ୟାବିଶିଷ୍ଟ ବିଶାଳ ଦେଶର ଲୋକମାନଙ୍କୁ ଏକପ୍ରକାର ଲୁଟ୍ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଯାହା ହେଉ ଶାନ୍ତା କୁମାରଙ୍କ କମିଟି ଯେଉଁ ଜେନେରିକ୍ ଔଷଧ ପ୍ରସଙ୍ଗରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ ତାହା ଏବେ କାର୍ଯ୍ୟକାରୀ କରିବାକୁ ଯାଉଛି। ଜେନେରିକ୍ ଔଷଧର ଲୋକପ୍ରିୟତା ବଢ଼ିଲେ ବିଦେଶୀ କମ୍ପାନୀମାନଙ୍କ ମନମୁଖୀ କାରବାର କମିବ ଓ ଏ ଦେଶର ଲୋକ ଉପକୃତ ହେବେ।

*ରାମଚନ୍ଦ୍ରପୁର, ରଣପୁର*
*ମୋ : ୯୪୩୮୪୮୫୦୯୪*

# ନ୍ତସୁସ୍ଥ ସମୁଦ୍ର ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ ନିବାରଣ'

ପ୍ରତି ବର୍ଷ ଜୁନ ୮ ତାରିଖରେ ପାଳିତ ହେଉଛି ବିଶ୍ୱ ସାଗର ଦିବସ। ଏହି ଦିବସ ପାଳନ ପାଇଁ ୧୯୯୨ରେ ପ୍ରଥମେ କାନାଡାର ଅନ୍ତର୍ଜାତୀୟ ସମୁଦ୍ର ବିକାଶ କେନ୍ଦ୍ର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଓସିନ ଇନଷ୍ଟିଚ୍ୟୁଟ ଅଫ କାନାଡ଼ା ପ୍ରସ୍ତାବକୁ ସମର୍ଥନ କରିଥିଲା। ରିଓ ଡି ଜେନିରୋରେ ଅନୁଷ୍ଠିତ ଜାତିସଂଘର ଆର୍ଥ ସମିଟ ଅବସରରେ ଏ ପ୍ରସଙ୍ଗରେ ଆଲୋଚନା ହୋଇ ସେହି ବର୍ଷ ବିଶ୍ୱର କେତେକ ରାଷ୍ଟ୍ରରେ ଏହି ଦିବସ ପାଳିତ ହୋଇଥିଲା। ତେବେ ଜାତିସଂଘ ବହୁ ବିଳମ୍ବରେ ୨୦୦୮ରେ ଏହାକୁ ଔପଚାରିକ ସ୍ୱୀକୃତି ଦେଇଥିଲା। ସମୁଦ୍ରରୁ ମଣିଷ ପାଉଛି ଖାଦ୍ୟ, ଅମ୍ଳଜାନ, ଔଷଧ ଆଦି ଅନେକ ଦରକାରୀ ସାମଗ୍ରୀ। ତେଣୁ ଏହାକୁ ସୁରକ୍ଷିତ ରଖିବା ମଣିଷର ଦାୟିତ୍ୱ। ଏ ବାବଦରେ ଜନସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ। ଆମେ ହୁଏତ ଜାଣିନଥାଉ ଆମେ ନିତ୍ୟ ବ୍ୟବହାର୍ଯ୍ୟ ଏବଂ ଆନୁସଙ୍ଗିକ ବର୍ଜ୍ୟ ସାମଗ୍ରୀ ନଦୀନାଳକୁ ଫୋପାଡ଼ି ଦେଉଛୁ। ପରିଶେଷରେ ନଦୀର ଶେଷ ପରିଣତି ସମୁଦ୍ରରେ ଏହି ବର୍ଜ୍ୟ ସବୁ ପହଞ୍ଚି ଏହାକୁ ବିଷାକ୍ତ କରିଦେଉଛି। ତେଣୁ ଏ କ୍ଷେତ୍ରରେ ଆମ୍ଭ ମାନଙ୍କ ଭିତରେ ସଚେତନତା ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମଗ୍ର ବିଶ୍ୱରେ ଯୋଗାଯୋଗର ବଡ଼ ମାଧ୍ୟମ ହେଉଛି ସାମୁଦ୍ରିକ କ୍ଷେତ୍ର କାରଣ କେବଳ ଜଳଜାହାଜ ନୁହେଁ ମାଲ


ଗୋପୀନାଥ ଦାଶ

ପରିବହନ କ୍ଷେତ୍ରରେ ସଡ଼କ ଓ ବିମାନ ପରିବହନ ଠାରୁ ସାମୁଦ୍ରିକ ପରିବହନ କ୍ଷେତ୍ର ଅତ୍ୟନ୍ତ ବିସ୍ତୀର୍ଣ୍ଣ ତେଣୁ ଏ କ୍ଷେତ୍ରରେ ସମୁଦ୍ର ପଥକୁ ସୁରକ୍ଷିତ ରଖିବାର ଦାୟିତ୍ୱ ମଧ୍ୟ ଆମ ମାନଙ୍କର। ଖୁସିର କଥା କିଛି ବ୍ୟକ୍ତିବିଶେଷ ଓ ଦାତବ୍ୟ ସଂଗଠନ ସମୁଦ୍ର ସଫେଇ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଏବଂ ଏହାର ଉପକୂଳକୁ ସୁରକ୍ଷିତ ରଖିବା ପାଇଁ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ଦିବସକୁ ବାର୍ତ୍ତା ବିଷୟ ଭିତ୍ତିକ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟ ନ୍ତସୁସ୍ଥ ସମୁଦ୍ର ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ ନିବାରଣ'।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,*
*ଅରୁଆ କଦଳୀବଣ,*
*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ଓଡ଼ିଆଣୀର ଅଳଙ୍କାର

**କୃଷ୍ଣପ୍ରିୟା ତ୍ରିପାଠୀ**

ନ୍ତଅଳଙ୍କାର', ନାରୀ ମନରେ ଏଥି ପ୍ରତି ଦୁର୍ବଳତା ରହି ଆସିଛି ଚିରକାଳ । ଅଳଙ୍କାର ପ୍ରତି ନାରୀର ଆକର୍ଷଣ କେବଳ ଲୋଭ ନୁହେଁ । ଅଳଙ୍କାରର ସାମାଜିକ ଜୀବନ ସହିତ ବି ରହିଛି ଅନେକ ସମ୍ପର୍କ । ପ୍ରତ୍ୟେକ ଜାତିର ନିଜସ୍ୱ ଚଳଣିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଏହି ଅଳଙ୍କାର । ଗୋଟିଏ ଜାତିର ଆର୍ଥନୈତିକ ସମୃଦ୍ଧିର ନୀରବ କାହାଣୀ କହେ ଅଳଙ୍କାର । ଆମ ଚଳଣୀରେ ବି ଅଳଙ୍କାର ରହିଥିଲା ସ୍ୱତନ୍ତ୍ର ସ୍ଥାନ । ପ୍ରଥମେ ନୂତନ ଅଳଙ୍କାର ପିନ୍ଧିବା ନିମନ୍ତେ ବର୍ଣ୍ଣବୋଧ ଉତ୍ସବ କରାଯାଇଥାଏ । ଏହି ଉତ୍ସବରେ ବାଳକ ଓ ବାଳିକା ଉଭୟଙ୍କର କର୍ଣ୍ଣରେ ଅଳଙ୍କାର ପିନ୍ଧାଇ ଦେବାର ବ୍ୟବସ୍ଥା ହୋଇଥାଏ । ନାରୀମାନଙ୍କ ଭଳି ବହୁ ଅଳଙ୍କାର ଦ୍ୱାରାଦେହକୁ ଆବୃତ୍ତ କରି ରଖୁନଥିଲେ ମଧ୍ୟ ପୁରୁଷମାନେ କର୍ଣ୍ଣ, କଣ୍ଠକର ଓ ବାହୁରେ କିଞ୍ଚିତ ଅଳଙ୍କାର ନାଇବାର ବ୍ୟବସ୍ଥା ଥିଲା ।

ବିବାହର ଆଦ୍ୟପର୍ବ ସ୍ୱୀକାର ଓ ସନ୍‌ମତି ଠାରୁ ଆରମ୍ଭ ହୋଇ ବେଦୀ ଉପରେ ତାଟ ଚଳିବା ଓ ବନ୍ଦାପନା କାର୍ଯ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ କିଛି କିଛି ଅଳଙ୍କାର ଦିଆଯାଇଥାଏ । ପ୍ରାଚୀନ କାଳରେ ଓଡ଼ିଆ ନାରୀମାନେ କିପରି ସୁନ୍ଦର ଓ ସୂକ୍ଷ୍ମ ଅଳଙ୍କାରମାନ ବ୍ୟବହାର କରୁଥିଲେ ତାହାର ନମୁନା ମନ୍ଦିର ଗାତ୍ରରେ ଥିବା ନର୍ତକୀ ଓ ଅଳସ କନ୍ୟା ପ୍ରଭୃତିର ମୂର୍ତ୍ତିକୁ ଦେଖିଲେ ସ୍ପଷ୍ଟ ମିଳିପାରିବ । ଏହା ବ୍ୟତୀତ ଆଜି ଓଡ଼ିଆ ସାହିତ୍ୟରେ ମଧ୍ୟ ଅଳଙ୍କାରର ବର୍ଣ୍ଣନା ରହିଛି । ସାରଳା ଦାସଙ୍କ ମହାଭାରତର ବିରାଟ ପର୍ବରେ ଅର୍ଜୁନ ଓଡ଼ିଆ ଘରର ଅଳଙ୍କାରରେ ମଣ୍ଡିତ ହୋଇ ବୃହନ୍ନଳା ସାଜିଛି । ପରବର୍ତ୍ତୀ କାଳର କାବ୍ୟରେ ଅଳଙ୍କାରର ବର୍ଣ୍ଣନା ଆଦୌ ଦୁର୍ଲଭ ନୁହେଁ । ସିଉନ୍ତି, ମଥାମଣି, ନବରତ୍ନ ଚିତା, ଟିକା, ସେବତୀ ଫୁଲ, ସୁନା ଦୁବ, ଝରାକାଠି, ମୋତିଜାଲି, ଅଳକାପାଟି, ବାଉଳି, କାପ, ମକର, କୁଣ୍ଡଳ, ଫିଁରିଫିଁରା, ନାହୁଲ, ଚଉକି, ଚମ୍ପା, ନୋଳି, ଗଣ୍ଠିଆ ଝଲକା, ନାକଚଣା, ନୋଥ, ଗୋଲାପ ଦଣ୍ଡି, ବସଣୀ, ନାଟ ମୟୂର, ଗୁଣା, ମାଛି, ଚାପସରି, ଚିକ, ଛେଚା କଣ୍ଠି, ମୋହନ ମାଳ, ହରଡ଼ଫାଳ ମାଳ, ଧାନୁଆ ମାଳ, ସୋରିଷିଆ ମାଳ, ଧନିଆ ଫାଳ, ବାଘନଖି, ବାହୁ ବନ୍ଧକ, ତାଡ଼, ତାଇତ, ଚୁଡ଼ି, ମଣିବନ୍ଧ, ବଟଫଳ, ଖଡୁ, ମଗରମୁହାଁ, ବାଳା, କତୁରୀ, ଦର୍ପଣବସା ମୁଦି, କିଙ୍କିଣୀ, ଅଣ୍ଟା ପାଟିଆ, ଅଣ୍ଟାସୂତା, ଗୋଠ, ଶିକୁଳି, ଚନ୍ଦ୍ରହାର, ବଳା, ପାଦପଦ୍ମ, ଝୁଣ୍ଟିଆ, ଚିପୁଲି, ପାହୁଡ଼, ନୁପୁର, ଅଷ୍ଟବାଙ୍କ, ପାଉଁଜି, ଆଲୁଡ଼ଙ୍କିଆ ପ୍ରଭୃତି ନାନାବିଧ ସୁନା ଓ ରୂପାର ଅଳଙ୍କାରରେ ସମଗ୍ର ଶରୀରକୁ ଆଚ୍ଛାଦିତ କରୁଥିଲେ ଓଡ଼ିଆ ନାରୀ । ଓଡ଼ିଆଣୀମାନେ ଆଙ୍ଗୁଠିରେ ପିନ୍ଧୁଥିବା ମୁଦି ଗୁଡ଼ିକରେ ମଧ୍ୟ ଦର୍ପଣ ଦିଆଯାଉଥିଲା । ଏହି ମୁଦିର ଦର୍ପଣ ସାହାଯ୍ୟରେ ଯେ କୌଣସି ମୁହୂର୍ତ୍ତରେ ଯୁବତୀମାନେ ସେମାନଙ୍କର ମୁଖାବଲୋକନ କରିପାରୁଥିଲେ । କିଞ୍ଚିତ କେଶ ବିନ୍ୟାସରେ ସଂଯମର ବ୍ୟତିକ୍ରମ ଘଟିଲେ ତାହା ସଂଶୋଧନ କରି ନେଉଥିଲେ । କିନ୍ତୁ ଗୋଡ଼ର ମୁଦି ଥିଲା ଭିନ୍ନ ଧରଣର । ଏହାକୁ ଝୁଣ୍ଟିଆ କୁହାଯାଉଥିଲା । ଏବେ ମଧ୍ୟ ବିବାହ ଉତ୍ସବରେ ନବବଧୂ ନିମନ୍ତେ ଯେଉଁ ଅଳଙ୍କାର ଆବଶ୍ୟକ ହୁଏ ତାହା ମଧ୍ୟରେ ଚକି ବାକି ଝୁଣ୍ଟିଆର ସ୍ଥାନ ସର୍ବାଗ୍ରେ । ଉପଯୁକ୍ତ ଅଳଙ୍କାର ଯୋଗାଇ ଦେବା ପାଇଁ ବିଭିନ୍ନ ସଂପ୍ରଦାୟର ଲୋକ ପରମ୍ପରାକ୍ରମେ କାର୍ଯ୍ୟ କରୁଥିଲେ । ସେମାନେ ପୁରୁଷାନୁକ୍ରମିକ ନିଜ ନିଜର ଧନ୍ଦାରେ ମନୋନିବେଶ କରି ସାମାଜିକ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ଯଥାଯୋଗ୍ୟ ସମତା ରକ୍ଷା କରୁଥିଲେ । ଏହି ଅଳଙ୍କାର ଗଠନର ନୈପୁଣ୍ୟ ଥିଲା ଅସାଧାରଣ । ଆମର କବିମାନେ ଏହାର ବର୍ଣ୍ଣନାରେ ଶତମୁଖ ହୋଇ ଉଠିଛନ୍ତି । କିଏ କେତେ ପ୍ରକାରରେ ଏହାର ବ୍ୟାପ୍ତି ଓ ମହାର୍ଘତା ସମ୍ପର୍କରେ ସୂଚନା ଦେଇ ନାନାବିଧ ଉପମା ଓ ଉପମେୟର ବ୍ୟବହାର କରିଛନ୍ତି । ହଂସରୁତସମ ନାଦକାରୀ ହଂସକ, ମର୍ଦ୍ଦଳାକାର, କଙ୍କତିକା, ମାଣିକ୍ୟ ଜଡ଼ିତ ଭଉଁରୀ, ଝାନୀ ତାଡ଼ନକ, ତାଡ଼କ ଧୀଷଣା, ନାଶକାରୀ, ହୀରାଗୁଣା, ପ୍ରଭୃତିର ବର୍ଣ୍ଣନାରେ ଯେଉଁପରି ରୀତିଯୁଗୀୟ କାବ୍ୟ ପୁଷ୍କଳ ହୋଇଛି, ସେହିପରି ମଧ୍ୟ ଲୋକ ସାହିତ୍ୟ ଋଦ୍ଧିମନ୍ତ ହୋଇଛି । ଲୋକକଥାରେ ଏହି ବର୍ଣ୍ଣନା ଯେତିକି ଲୌକିକ ସେତିକି ବାସ୍ତବ ।

*କିରଣ ପାରିଜାତ ଏନକ୍ଲେଭ,*
*କ୍ୟାଣ୍ଟେନମେଣ୍ଟ ରୋଡ଼, କଟକ*

# ମନ ତୋହର ନିଜ ଗୁରୁ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ସାଧାରଣ ମନୁଷ୍ୟ ସୁଖ ପାଇବା ଆଶାରେ ବିଭିନ୍ନ ମାଧ୍ୟମରେ ଆଶ୍ରୟ ନେଉଛି । କିନ୍ତୁ ପ୍ରକୃତ ସୁଖ ବ୍ୟକ୍ତିର ନିଜ ମନ ମଧ୍ୟରେ ହିଁ ରହିଥାଏ । ଏହା ସତ୍ତ୍ୱେ ଭୌତିକ ସୁଖ ପାଇବା ଆଶାରେ ମନୁଷ୍ୟ ଆଧ୍ୟାତ୍ମିକ ସୁଖଠାରୁ ଦୂରେଇ ଯାଉଛି । ଏହାହିଁ ଦୁଃଖର ପ୍ରଥମ କାରଣ । ଯେପରିକି ସଂସାରର ସବୁ ଐଶ୍ୱର୍ଯ୍ୟ ଭୋଗ କରୁଥିବା ବ୍ୟକ୍ତି ମଧ୍ୟ ସୁଖୀ ହୋଇପାରେ ନାହିଁ । ପ୍ରକୃତ ସୁଖ କେବଳ ଭଗବାନଙ୍କ ଶରଣରେ ହିଁ ମିଳିଥାଏ । ଆଧ୍ୟାତ୍ମିକ ଶାନ୍ତି କେବଳ ଭଗବାନଙ୍କ ପାଖରେ ହିଁ ରହିଛି । ଅନେକେ ଭାବନ୍ତି ଭଗବାନ ମନ୍ଦିରରେ କିମ୍ବା ତୀର୍ଥ ସ୍ଥାନରେ ରହିଥାଆନ୍ତି । କିନ୍ତୁ ପ୍ରକୃତରେ ଭଗବାନ ସବୁଠାରେ ରହିଛନ୍ତି । ପ୍ରତ୍ୟେକ ମନୁଷ୍ୟର ମନ ମଧ୍ୟରେ ଭଗବାନ ରହିଛନ୍ତି । କିନ୍ତୁ ସମସ୍ତେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିପାରନ୍ତି ନାହିଁ । ପ୍ରକୃତ ସୁଖ ବ୍ୟକ୍ତିର ନିଜ ମନ ମଧ୍ୟରେ ହିଁ ରହିଥାଏ । ଯେଉଁ ବ୍ୟକ୍ତି ଭଗବାନଙ୍କ ସତ୍ତାକୁ ନିଜ ମନ ମଧ୍ୟରେ ଉପଲବ୍ଧି କରିପାରିଛି ସେ ହିଁ ପ୍ରକୃତ ସୁଖୀ । ସଂସାରର ମୋହ ମାୟା ତାକୁ ସ୍ପର୍ଶ କରିପାରେ ନାହିଁ । ଆଉ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିବାକୁ ହେଲେ ବ୍ୟକ୍ତିକୁ ସତ୍‌ମାର୍ଗରେ ପରିଚାଳିତ ହେବାକୁ ହେବ । ଆମ ମନ ହିଁ ବ୍ୟକ୍ତି ଚୈତନ୍ୟର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଏହା ଆମେ ସମସ୍ତେ ଜାଣିଛୁ। ସେଇଥିପାଇଁ ଆଧ୍ୟାତ୍ମିକ ଅନୁଚିନ୍ତାରେ ଉଲ୍ଲେଖ ରହିଛି ନ୍ତମନ ତୋହର ନିଜ ଗୁରୁ – ଉଦ୍ଧବ କେତେ ତୁ ପଚାରୁ ?'

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

# ବାହାନଗାର କୋହ : ମାନବିକତାର ଆହ୍ୱାନ

କେବଳ ଓଡ଼ିଶା ନୁହେଁ ସର୍ବଭାରତୀୟ ସ୍ତରରେ ଭୟାବହ ରେଳ ଦୁର୍ଘଟଣା କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମଗ୍ର ଓଡ଼ିଶାବାସୀ ଯେଉଁ ସାମଗ୍ରୀକ ସାହାଯ୍ୟ କରିଛନ୍ତି ତାହା ଅତୁଳନୀୟ ଓ ଅଚିନ୍ତନୀୟ। ସୂଚନାଥାଉକି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାରେ ସରକାରଙ୍କ ୫ଟି ମଡ଼େଲକୁ ବିଶ୍ୱର କୋଣ ଅନୁକୋଣରୁ ପ୍ରଶଂସାର ସୁଅ ଛୁଟୁଛି। ଏହାର ବଡ଼ ଶ୍ରେୟ ଯିବ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଯାହା ହେଉଛି – 'ପ୍ରତିଟି ଜୀବନ ମୂଲ୍ୟବାନ'। ରେଳ ଦୁର୍ଘଟଣା ଖବର ପାଇବା ପରେ ବ୍ୟସ୍ତ ବହୁଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟସୂଚୀ ଭିତରେ ସେ ତତ୍‌କାଳ ଚବିଶ ଘଣ୍ଟିଆ କଣ୍ଟ୍ରୋଲରୁମରେ ପହଞ୍ଚି ପ୍ରଶାସନକୁ ତ୍ୱରାନ୍ୱିତ ଓ ସକ୍ରିୟ କରିଥିଲେ। ଯାହାକି ସମଗ୍ର ବିଶ୍ୱ ପାଇଁ ମାନବିକତାର ଶ୍ରେଷ୍ଠ ବାର୍ତ୍ତା ଦେଲା। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ମଥାନତ ପ୍ରଣାମ କରି ସ୍ଥାନୀୟ ସହଯୋଗୀଙ୍କ ଉଦ୍ୟମ ଓ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କଲେ। ଏହି ଘଟଣା ନଥିଲା ବନ୍ୟା କି ବାତ୍ୟା କି ବିପର୍ଯ୍ୟୟ କିନ୍ତୁ ଏହି ସମୟରେ ଦେବଦୂତ ସାଜିଥିଲେ କେନ୍ଦ୍ର ସରକାରଙ୍କ ଠାରୁ ଓଡ଼ିଶା ସରକାରଙ୍କର କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଏବଂ ଏହା ସହ ସ୍ଥାନୀୟ ଲୋକଙ୍କ ସହଯୋଗ। ଯେଉଁମାନଙ୍କ ଶକ୍ତି, ସାମାର୍ଥ୍ୟ, ସାହାସ ଓ ଅସୀମ ଧୈର୍ଯ୍ୟ ପାଇଁ କିଛି ମୁର୍ମୁଷୁ ଜୀବନ


ବିପିନ ବିହାରୀ ରାଉତ

ପାଇଗଲେ। ଏହି କ୍ଷେତ୍ରରେ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ରାତି ଅଧରେ ରକ୍ତଦାନ କରିବା ପାଇଁ ଯେଉଁ ଆବେଗ ତାହାକୁ ପ୍ରଶଂସା କଲେ କିଛି ଛୋଟିଆ ହେବନାହିଁ। ଛଅଟି ଜିଲ୍ଲାରେ ସାତହଜାର ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଛି। ଏହିପରି କ୍ଷେତ୍ରରେ ଓଡ୍ରାଫ, ଏନଡିଆରଏଫ ଟିମ, ପୋଲିସ, ହୋମଗାର୍ଡ଼ ସେମାନଙ୍କ ବିନା ସାହାଯ୍ୟରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିନଥାନ୍ତା। ୨୫୦ଜଣଙ୍କୁ ନେଇ ଚବିଶଟି ଅଗ୍ନୀଶ୍ରମ ଓ ଏମର୍ଜେନ୍ସି ଟିମ, ବାର ଜଣିଆ ପାଞ୍ଚଟି ଓଡ୍ରାଫ ଟିମ, ସାତଟି ଏନଡିଆରଏଫ ଟିମ ଯେଉଁ ଭାବରେ ଅତ୍ୟାଧୁନିକ ଜ୍ଞାନ କୌଶଳ ଦେଖାଇ ସାହାଯ୍ୟ କରିଛନ୍ତି ସେ ପ୍ରଶଂସା କମ ପଡ଼ିଯିବ। ଦୁର୍ଘଟଣା କ୍ଷେତ୍ରରେ ଲାଇଫ ଲାଇନ ହୋଇଥିଲା ୧୦୮ ଆମ୍ବୁଲାନ୍ସ, ୨୨୯ଟି ଆମ୍ବୁଲାନ୍ସ ଯେଉଁ କର୍ମଚାରୀ ଭାଇ ଦାୟିତ୍ୱ ନ୍ୟସ୍ତ କରିଥିଲେ ଅଖିଆ ଅପିଆ ଭାବରେ ଯେଉଁ ଦୃଢ଼ତା ଓ ନିଷ୍ଠା ଦେଖାଇଛନ୍ତି ତାହା ପ୍ରଶଂସନୀୟ। ୧୦୮ ସହିତ ପାଖାପାଖି ୫୦୦ ଆମ୍ବୁଲାନ୍ସ ଏହି ଅପରେସନରେ ସାମିଲ ହୋଇଥିଲେ। ତେବେ ଏହି କ୍ଷେତ୍ରରେ ଓଡ଼ିଶାବାସୀ ବଡ଼ କୃତଜ୍ଞ ହେବେ ନିୟୋଜିତ ଡାକ୍ତର, ପାରାମେଡ଼ିକାଲ କର୍ମଚାରୀ ଓ ଶବାଗାରରେ ଦିନରାତି ଜୀବନକୁ ବାଜି ଲଗାଇ ଚାଳିଶ ଡିଗ୍ରୀ ତାତି ଭିତରେ ପିପି କିଟ ପିନ୍ଧି ଯେଉଁ ସେବା ଦେଇଛନ୍ତି ତାହା ଅତୁଳନୀୟ। ବଡ଼କଥା ହେଉଛି ଆମ ଓଡ଼ିଶାର ଗଣମାଧ୍ୟମ ଚବିଶ ଘଣ୍ଟିଆ ନନଷ୍ଟପ ଅହୋରାତ୍ର ନ୍ୟୁଜ ଦେଇ ଯେଉଁ ସେବା ସମ୍ପାଦନ କରିଛନ୍ତି ସେମାନଙ୍କୁ ଶତ ପ୍ରଣାମ। କିନ୍ତୁ ଏହା ଭିତରେ ଗୋଟିଏ ବଡ଼ ଦୁଃଖଦ ପ୍ରାର୍ଥନା ଯେଉଁ ମୁର୍ମୁଷୁଙ୍କ କେତେକ କ୍ଷେତ୍ରରେ ସାହାଯ୍ୟ ସେବା ଭିତରେ ସେମାନଙ୍କର ମୋବାଇଲ ଫୋନ, ଟଙ୍କା ଓ ସାମଗ୍ରୀ ନେଇଯାଇଛନ୍ତି ସେମାନେ ଟିକେ ଭାବନ୍ତୁ କାରଣ ତାଙ୍କ ପରିବାର ସେମାନଙ୍କୁ ଖୋଜୁଛନ୍ତି। ସେମାନଙ୍କର ଓଡ଼ିଶାବାସୀ ଏହି ଅଭୁତପୂର୍ବ ସେବା କ୍ଷେତ୍ରରେ ନିଜକୁ ସହଯୋଗ କରୁଛନ୍ତି ଏହି କ୍ଷେତ୍ରରେ ବଡ଼ ଶ୍ରେୟ ନେବେ ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯାହାଙ୍କର ପ୍ରତିଟି ଚିନ୍ତନ ହେଉଛି ଓଡ଼ିଶା ବାସୀ ମୋ ପରିବାର ଏବଂ ପ୍ରତିଟି ଜୀବନ ମୋ ପାଇଁ ମୂଲ୍ୟବାନ। ଆସନ୍ତୁ ଆମେ ଆମ ସୀମା ଭିତରେ ଯେତିକି ପାରିବା ସାହାଯ୍ୟ କରିବା ଏବଂ ଭଗବାନ ଆମକୁ ନିଶ୍ଚିନ୍ତ ସାହାଯ୍ୟ କରିବେ। ଘରୁ ବାହାରିଥିବା ପୁଅ କର୍ମ ସଂସ୍ଥାନରେ ପହଞ୍ଚିନି ସ୍ୱାମୀକୁ ଅପେକ୍ଷା କରିଥିବା ପତ୍ନୀ ଦେଖିନାହିଁ।

ଯେଉଁ ଛୋଟ ପିଲାଟି ତାଙ୍କ ବାପ ମାଆଙ୍କୁ ଖୋଜୁଛି ତାଙ୍କ ବାପା ହିଁ ନାହାଁନ୍ତି। ଚାକିରି ଅନ୍ୱେଷଣରେ ଯାଇଥିବା ଲୋକଟିର ଜୀବନ ହିଁ ଶବ ହୋଇଗଲା। ଯେଉଁମାନେ ତଥାକଥିତ ଭାବେ ରେଳବଗି ଭିତରେ ଚା ଠାରୁ ଖାଇବା ବିକ୍ରୀ କରନ୍ତି ସେମାନଙ୍କ ଜୀବନ ସରିଗଲା। ପ୍ରେମିକ, ପ୍ରେମିକା ଭିତରେ ସମ୍ପର୍କ ହଜିଗଲା, ବାପା ପାଉନି ପୁଅକୁ, ପୁଅ ବି ପାଉନି ବାପାକୁ ଏହି କଣ ଜୀବନ ? ମର୍ମନ୍ତୁଦ ରେଳ ଦୁର୍ଘଟଣା ଆମ ପାଇଁ ଗୋଟିଏ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଯେକୌଣସି ବିପର୍ଯ୍ୟ କ୍ଷେତ୍ରରେ ଆମେ ଆମ ସୀମା ସାଧ ଭିତରେ ସାହାଯ୍ୟ ପରସ୍ପରକୁ କରିବା। ଆପଣ ଥରେ ଭାବନ୍ତୁ ତ ଅପେକ୍ଷା କରିଥିବା ଝିଅଟି ତା ବାପାକୁ ପାଉନି, ଦ୍ୱାର ମୁହଁରେ ଚାହିଁଥିବା ସ୍ତ୍ରୀଟି ସ୍ୱାମୀର ମୋବାଇଲ କଲକୁ ଅପେକ୍ଷାରେ ରଖୁଛି, ବାପା ମାଆ ଖାଉନାହାଁନ୍ତି ତାଙ୍କ ପିଲା ଘରେ ଆସିଲା ପରେ ଏବଂ ଜଣେ କର୍ତ୍ତବ୍ୟ ନିଷ୍ଠ କର୍ମଚାରୀକୁ ତାର ମାଲିକ ଚାହୁଁଥିଲେ ବି ତାର ଜୀବନ ହିଁ ନାହିଁ। ଏହି ମର୍ମନ୍ତୁଦ ସତ୍ୟ ଆଜି ଆମ ପାଇଁ ବହୁତ ବଡ଼ ଆହ୍ୱାନ। ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି ମିଥ୍ୟା ତଥ୍ୟ ଦେଇ ସହାୟତାରେ ଆସି କିଛି ଲୁଟୁଛନ୍ତି ଏବଂ ସାହାଯ୍ୟ ଆଳରେ କିଛି ତଥାକଥିତ ସାହାଯ୍ୟକାରୀ ସେମାନଙ୍କର ମୋବାଇଲ ଓ ଅର୍ଥ ନେଇଯାଇଛନ୍ତି – ହେଲେ ଟିକେ ସୂଚନା ଦିଅନ୍ତୁତ ? କାରଣ ଅନେକ ଅସହାୟଙ୍କ ପରିବାର ସେମାନଙ୍କୁ ପାଉନାହାଁନ୍ତି। ଜୀବନ ଯନ୍ତ୍ରଣା ଭିତରେ ଆମେ ଏପରି ଅନେକ ବିପର୍ଯ୍ୟୟକୁ ବି ସାମ୍ନା କରିପାରିବା ଯେଉଁ ସାହାଯ୍ୟକାରୀ କର୍ମଯୋଦ୍ଧା ଦାୟିତ୍ୱ ନିର୍ବାହ କରିଛନ୍ତି ତାଙ୍କୁ ଆମର ଶତ ପ୍ରଣାମ। ସର୍ବୋପରି ଓଡ଼ିଶା ସରକାରଙ୍କ ତତ୍ପରତା ଓ ଦାୟିତ୍ୱ ନିର୍ବାହ ଯେଉଁପରି ହୋଇଛି ଆମେ ସେମାନଙ୍କୁ ବି ପ୍ରଣାମ କରୁଛୁ।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*

# ମହାନାୟକ:ସୁଭାଷ ଚନ୍ଦ୍ର

ଯେଉଁ ଦେଶର କ୍ଷିତି, ଆପ୍, ତେଜ, ମରୁତ ଓ ବ୍ୟୋମରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅସୀମ ସାହସୀ ପ୍ରବାଦ ପୁରୁଷ ସୁଭାଷ ଚନ୍ଦ୍ର ବୋଷଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମୀ, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶ ପ୍ରେମ, ସାହସ ଓ ତ୍ୟାଗ ଭାରତ ଇତିହାସରେ ବିରଳ। ତାଙ୍କର ଚଳଣି, ଜୀବନ ଧାରା, ବିଂଶ ଶତାବ୍ଦୀରେ ଭାରତର ଜଣେ ଏକକ ଅସାମାନ୍ୟ ନାୟକ ରୂପେ ପରିଗଣିତ କରିଥିଲା। ୧୮୯୭ ମସିହାରେ ଯେତେବେଳେ ବ୍ରିଟିଶ୍ ସାମ୍ରାଜ୍ୟର ମହାରାଣୀ ଭିକ୍ଟୋରିଆଙ୍କ ଶାସନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରୁଥିଲା, ସେତିକିବେଳେ ଜାନୁୟାରୀ ମାସ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଓଡିଶାର କଟକ ସହରରେ ଓଡିଆ ବଜାରରେ ପ୍ରବାଦ ପୁରୁଷ ସୁବାଷ ଚନ୍ଦ୍ର ବୋଷ। ତାଙ୍କର ପିତା ଜାନକୀ ନାଥ ବୋଷ ବଙ୍ଗର ୨୪ ପ୍ରଗଣା ଅଂଚଳର ଏକ କ୍ଷୁଦ୍ର ଗ୍ରାମରୁ ଆସି ଓକିଲାତି କରି କଟକରେ ସ୍ଥାୟୀ ଭାବେ ବାସ କରୁଥିଲେ। ମାତା ପ୍ରଭାବତୀ ଉତର କଲିକତା ଅଂଚଳର ହାଟଖୋଲାର ଏକ ଐତିହ୍ୟ ସମ୍ପନ୍ନ ପରିବାରରୁ ଆସିଥିଲେ। ତାଙ୍କର ଆଠ ପୁତ୍ର ଓ ଛଅ କନ୍ୟାଙ୍କ ମଧ୍ୟରୁ ସୁଭାଷ ନବମ ସନ୍ତାନ ଥିଲେ। ପାଂଚ ବର୍ଷ ବୟସରେ ୧୯୦୨ ମସିହାରେ କଟକ ପ୍ରୋଟେଷ୍ଟାଂଟ ସ୍କୁଲରେ ପାଠ ପଢିଥିଲେ। ଜଣେ ମେଧାବୀ ଛାତ୍ର ହିସାବରେ ଭାରତୀୟ ବଂଶୋଦ୍ଭବ ଯୋଗୁ ବୃତି ପାଉ ନଥିଲେ। ୧୯୦୯ ମସିହାରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କଲେ। ସେ କାଳରେ ଶିଖିଥିବା ଗୋଟିଏ ସଂସ୍କୃତ ଶ୍ଳୋକରୁ ପିତାମାତାଙ୍କୁ ଭକ୍ତି କରୁଥିଲେ। ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ସେବା ହିଁ ମାଧବ ସେବା ବୋଲି ଧରି ନେଇଥିଲେ। ପରେ ପରେ ସେ ବ୍ରହ୍ମଚର୍ଯ୍ୟ, ଧ୍ୟାନଯୋଗ, ହଟ୍ଟଯୋଗ ଓ ରାଜଯୋଗ ସାଧନ କରିଥିଲେ। ୧୯୧୩ ମସିହାରେ ସୁଭାଷ ବୋଷ ସମଗ୍ର ଆସାମ, ବଙ୍ଗ, ବିହାର ଓ ଓଡିଶାରେ ଏଂଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଲାଭ କରି କଲିକତାର ପ୍ରେସିଡେନ୍‌ସି କଲେଜରେ ଅଧ୍ୟୟନ ଆରମ୍ଭ କଲେ। ସେ କଲେଜ ୟୁନିୟନରେ ନେତା ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରିବାରୁ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ଦଣ୍ଡାଦେଶ ଦ୍ୱାରା ବାହାର କରିଦିଆଗଲା । ଫଳରେ ଦୁଇବର୍ଷ ସମୟ ନଷ୍ଟ ହୋଇଗଲା। ପୁନର୍ବାର ସୁଭାଷ ସ୍କଟିସ୍ ଚର୍ଚ୍ଚ କଲେଜରେ ନାମ ଲେଖାଇ ୧୯୧୯ ମସିହାରେ ସ୍ନାତକ ଦର୍ଶନ ଶାସ୍ତ୍ରରେ ଅନର୍ସ ସହ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଲାଭ କରି ଉତୀର୍ଣ୍ଣ ହେଲେ। ଆଇ.ସି.ଏସ. ପଢ଼ିବା ପାଇଁ ସୁଭାଷ ବିଲାତ ଗଲେ ଓ ସେଠାରେ ପରୀକ୍ଷା ଦେଇ ଚତୁର୍ଥ ସ୍ଥାନ ଲାଭ କଲେ। ଦେଶ ସେବାପାଇଁ ସେ ଇଣ୍ଡିୟାନ୍ ସିଭିଲ୍ ସର୍ଭିସର ପରମ ସୌଭାଗ୍ୟକୁ ପ୍ରତ୍ୟାଖ୍ୟାନ କଲେ। ୧୯୨୧ ମସିହା ଅପ୍ରେଲ ମାସ ୧୬ ତାରିଖରେ ବିଲାତରୁ ଆସି ବମ୍ବେରେ ପହଁଚି ଗାନ୍ଧିଜୀଙ୍କୁ ସାକ୍ଷାତ୍ କଲେ। ଗାନ୍ଧିଜୀଙ୍କ ପରାମର୍ଶରେ ସୁଭାଷ କଲିକତା ଯାଇ ସେଠାରେ ଚିତରଞ୍ଜନ ଦାସଙ୍କୁ ସାକ୍ଷାତ୍ କରି, ସେଠାରେ ଦେଶ କାମରେ ଲାଗି ପଡିଲେ। ୧୯୨୪ ରେ ସେ କଂଗ୍ରେସ ଦଳର ପ୍ରାର୍ଥୀଭାବେ କଲିକତା କର୍ପୋରେସନ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସର ଭାବେ ମାସିକ ତିନି ହଜାର ଟଙ୍କାରେ କାର୍ଯ୍ୟ କଲେ। ଏହି ଟଙ୍କା ସେ ରୋଗୀ ଓ ଅସହାୟ ଶିଶୁମାନଙ୍କ ପାଇଁ ଖର୍ଚ୍ଚ କରୁଥିଲେ। ସେ ସମୟରେ ମେୟର ହୋଇଥିଲେ ଚିତରଞ୍ଜନ ଦାସ। ସ୍ୱରାଜ ପାର୍ଟିର ସଫଳତା ଉପରେ ବ୍ରିଟିଶ୍ ସରକାର କ୍ରୋଧାନ୍ୱିତ ହୋଇ ସୁଭାଷଙ୍କୁ ୧୯୨୪ ମସିହା ଅକ୍ଟୋବର ୨୫ ତାରିଖ ଭୋରରୁ କଲିକତା ଡେପୁଟି କମିଶନରଙ୍କ ନିର୍ଦ୍ଦେଶରେ ୧୯୧୮ ରେଗୁଲେସନ ତୃତୀୟ ବ୍ୟବସ୍ଥା ବଳରେ ଆରେଷ୍ଟ କରାଗଲା। ସୁଭାଷଙ୍କୁ କଲିକତାରୁ ବରହମ୍ପୁର ଜେଲ୍‌କୁ ସ୍ଥାନାନ୍ତର କରାଗଲା। ପରେ ମର୍ତ୍ୟେର ନର୍କ ଲାଲ ବଜାର ପୋଲିସ୍ ହାଜତରେ ଓ ତା'ପରେ ମାନ୍ଦ୍ରାଜ୍ ଜେଲକୁ ପଠାଇ ଦିଆଗଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ୧୯୨୭ ମେ ମାସରେ ମୁକ୍ତ କରି ଦିଆଗଲା। କଲିକତା ମେୟର ଭାବେ ସୁଭାଷ ନିର୍ବାଚିତ ହେଲେ। ରାଜନୈତିକ ଅଭିଜ୍ଞତାରୁ "ଦି ଇଣ୍ଡିଆନ୍ ଷ୍ଟ୍ରଗଲ୍" ନାମକ ଏକ ବିଖ୍ୟାତ ପୁସ୍ତକ ରଚନା କରିଥିଲେ। ୧୯୩୮ ମସିହାରେ ୫୧ତମ ଜାତୀୟ କଂଗ୍ରେସ ଅଧିବେଶନରେ ସେ ସଭାପତି ରୂପେ ମନୋନୀତ ହୋଇଥିଲେ। ସୁଭାଷ ଚନ୍ଦ୍ର ବୋଷଙ୍କୁ ୫୧ ହଳ ବଳଦ ଟାଣୁଥିବା ଏକ ରଥରେ ବସାଇ ବ୍ୟାଣ୍ଡ ବାଜା ବଜାଇ ହରିପୁରାର ସଭା ସ୍ଥଳକୁ ନିଆଯାଇଥିଲା। ସୁଭାଷ ଘୋଷଣା କଲେ ଯେ "ପୃଥିବୀ ପୃଷ୍ଠରେ ଏମିତି ଶକ୍ତି ନାହିଁ ଯେ କି ଭାରତକୁ ଆଉ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିବ।" ଶାନ୍ତି ନିକେତନରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ୧୯୩୭ ମସିହାରେ ସୁଭାଷଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ "ମୁଁ ବଙ୍ଗଳାର କବି ହୋଇ ତୁମକୁ ଦେଶ ନାୟକ ପଦରେ ବରଣ କରୁଛି। ଦ୍ୱିତୀୟ ଥର କଂଗ୍ରେସ ସଭାପତି ପଦ ପାଇଁ ସୁଭାଷ ବୋଷ ପ୍ରତି ଦ୍ୱନ୍ଦିତା କରିବା ପାଇଁ ଘୋଷଣା କଲେ। ମହାତ୍ମା ଗାନ୍ଧୀ ଶୁଭେଚ୍ଛା ସହ ପଟ୍ଟାରି ସୀତାରାମାୟାଙ୍କୁ ସୁବାଷ ଚନ୍ଦ୍ରଙ୍କ ବିରୁଦ୍ଧରେ ଦକ୍ଷିଣ ପନ୍ଥୀଙ୍କ ମନୋନୀତ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ କରାଇଲେ। ବାଦ ବିବାଦ ମଧ୍ୟରେ ସୁଭାଷ ଚନ୍ଦ୍ର ଦୁଇଶହରୁ ଅଧିକ ଭୋଟରେ ବିଜୟ ଲାଭ କଲେ। ଗାନ୍ଧିବାଦୀ ମାନଙ୍କ ଚାପରେ ସୁଭାଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହେଲେ। ସମସ୍ତ


ଅକ୍ଷୟ କୁମାର ରାଉତ

ଚରମ ତଥା ପ୍ରଗତିବାଦୀ ତତ୍ତ୍ୱକୁ ଏକାଠି କରି ସୁଭାଷ ୧୯୩୯ ରେ ଏକ ନୂଆ ଦଳ ଗଠନ କଲେ। ଏହାର ନାଁ "ଫରୱାର୍ଡ଼ ବ୍ଲକ"। ୧୯୩୯ ଜୁନ୍ ୨୨ ତାରିଖରେ ଫରୱାର୍ଡ଼ ବ୍ଲକ୍‌ର ପ୍ରଥମ ଅଖିଳ ଭାରତ ଅଧିବେଶନ ବମ୍ବେଠାରେ ଅନୁଷ୍ଠିତ ହେଲା। ବଙ୍ଗର ଶେଷ ସ୍ୱାଧୀନ ରାଜା ସିରାଜଦ୍ଦୌଲାଙ୍କ ସ୍ମୃତି ଉପରେ କଳଙ୍କର ଦାସ ପରି ହୋଲ୍‌ୱେଲ୍ ସ୍ମୃତି ସ୍ତମ୍ଭକୁ ହଟାଇବା ପାଇଁ ସୁଭାଷ ହିନ୍ଦୁ ଓ ମୁସଲମାନ୍ ଯୁବକମାନଙ୍କୁ ନେଇ ସତ୍ୟାଗ୍ରହ କରିବାକୁ ଗଲାବେଳେ, ତାଙ୍କୁ ଭାରତୀୟ ପ୍ରତିରକ୍ଷା ଆଇନ୍ ବଳରେ ଗିରଫ କରାଯାଇ କଲିକତାରେ ପ୍ରେସିଡେନ୍‌ସି ଜେଲ୍‌ରେ ରଖାଗଲା। ଜେଲ ଖାନାରେ ଥିବା ବେଳେ ସେ ପୂର୍ବବଙ୍ଗରେ ଢାକା ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରୀୟ ବିଧାନ ସଭାକୁ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିଲେ। ଜେଲ ମଧ୍ୟରେ ସୁଭାଷ ବୋଷ୍ ବହୁ ଐତିହାସିକ ପତ୍ର ସରକାରଙ୍କୁ ଲେଖିଥିଲେ। ଯଦିଓ ହଠାତ୍ ଆଖି ଦୃଶିଆ ଲାଭର ସମ୍ଭାବନା ନାହିଁ, ତଥାପି କଷ୍ଟ ସହିଷ୍ଣୁତା ଓ ତ୍ୟାଗର ଫଳ କେବେ ବ୍ୟର୍ଥ ହୁଏ ନାହିଁ। ମରଣଶୀଳ ପୃଥିବୀରେ ସବୁକିଛି କ୍ଷୟିଷ୍ଣୁ। ଚିନ୍ତା ଆଦର୍ଶ ଓ ସ୍ୱପ୍ନ କେବେ କ୍ଷୟ ହୁଏ ନାହିଁ। ଗୋଟିଏ ଆଦର୍ଶ ସାଫଲ୍ୟ ପାଇଁ ଜଣେ ବ୍ୟକ୍ତିର ପରଲୋକ ହୋଇପାରେ, କିନ୍ତୁ ତାର ମୃତ୍ୟୁ ପରେ ସେଇ ଆଦର୍ଶ ସହସ୍ର ଜୀବନ ମାଧ୍ୟମରେ ପୁନର୍ବାର ପ୍ରକଟିତ ଓ ବିକଶିତ ହୋଇଥାଏ। ଗୋଟିଏ ଆଦର୍ଶନିତୀ ପାଇଁ କରୁ ବା ମରୁ ତାଠାରୁ ଜୀବନର ବଡ ସାର୍ଥକତା କ'ଣ ଥାଇ ପାରେ ? ଜେଲରେ ସୁଭାଷ ଏକ ସପ୍ତାହ ଅନଶନ କରିବାରୁ ଇଂରେଜ ସରକାର ବିଚଳିତ ହୋଇ ତାଙ୍କୁ ଖଲାସ କରିଦେଲେ। କିନ୍ତୁ ତାଙ୍କୁ ଗୃହବନ୍ଦୀ କରି ରଖିଲେ। ସୁଭାଷ ଚନ୍ଦ୍ର ବୋଷ ଖଲାସ ହେବା ସଂଗେ ସଂଗେ ଭାରତ ବାହାରକୁ ଖସି ଚାଲିଯିବାର ଉପାୟ ଚିନ୍ତା କଲେ। ତାଙ୍କ ପୁତୁରା ଶିଶିର ଓ ଫରୱାର୍ଡ଼ ବ୍ଲକ୍‌ର ନେତା ଅନ୍ତରଙ୍ଗ ମିଆଁ ଆକବର ଶାହା ସହିତ ମିଶି ଯୋଜନା ପ୍ରସ୍ତୁତ୍ କଲେ। ଝିଆରୀ ଇଲାକୁ ଗୁପ୍ତ ଭାବରେ ଯିବା ସମ୍ପର୍କରେ ଜଣାଇ ଦିଆଗଲା।

୧୯୪୧ ମସିହା ଜାନୁୟାରୀ ୧୬ ତାରିଖରେ ହିନ୍ଦୁବେଶୀ ସୁଭାଷ ଘନ ପିଙ୍ଗଳ ରଙ୍ଗର ସେରୱାନୀ, ଢିଲା ପାଇଜାମା, ଲେସ୍ ବନ୍ଧା ୟୁରୋପିଆନ୍ ଯୋତା ଓ କଳା ଅସ୍ତର ଖାନ୍ ପରି ଲୋମଶ ଟୋପି ପିନ୍ଧି ଓଜନଦାର ଜର୍ମାନ ତିଆରି ୱାଣ୍ଡରର କାର୍‌ରେ ଶିଶିର ସହିତ ବାହାରି ପଡିଲେ। ୧୯୪୧ ଜାନୁୟାରୀ ୧୭ ତାରିଖରେ ଧାନବାଦ ନିକଟବର୍ତ୍ତୀ ବାରାରୀରେ ପହଁଚିଲେ। ସେଠାରେ ପୁତୁରା ଅଶୋକଙ୍କ ଘରେ ଏକ ବୀମା କମ୍ପାନୀର ଏଜେଂଟ ଭାବରେ ରହିଲେ। ୧୯୪୧ ମସିହା ଶେଷ ଆଡକୁ ସେ ବର୍ଲିନ୍‌ରେ "ମୁକ୍ତ ଭାରତ ସେଂଟର" କରିବାକୁ ସକ୍ଷମ ହେଲେ। ସେଂଟର କାର୍ଯ୍ୟ ହେଲା "ଆଜାଦ୍ ହିନ୍ଦ୍ ରେଡିଓ", ନେସନାଲ କଂଗ୍ରେସ ରେଡିଓ" ଏବଂ "ଆଜାଦ୍ ମୁସଲ୍‌ଲିମ୍ ରେଡିଓ ମାଧ୍ୟମରେ ଦେଶର କାର୍ଯ୍ୟକ୍ରମକୁ ପରିଚାଳନା କରିବା। "ଆଜାଦ୍ ହିନ୍ଦ୍ " ପତ୍ରିକା ମାଧ୍ୟମରେ ଭାରତର ରାଜନୀତି, ଅର୍ଥନୀତି, ଦର୍ଶନ ଓ ସଂସ୍କୃତି କଳା ସାରା ବିଶ୍ୱରେ ପ୍ରଚାର କରିବା, ଯୁଦ୍ଧବନ୍ଦୀମାନଙ୍କୁ ନେଇ ଗଠିତ ଭାରତୀୟ ସେନା ଏବଂ ଭାରତୀୟ ଜାତୀୟ ସୈନ୍ୟବାହିନୀ ସହ ସମ୍ପର୍କ ସ୍ଥାପନ କରିବା। ୧୯୪୨ ମେ' ମାସରେ ସୁଭାଷ ଆଡ୍‌ଲଫ ହିଟ୍‌ଲରଙ୍କୁ ଶେଷଥର ସାକ୍ଷାତ୍ କଲେ। ମୁକ୍ତ ଭାରତ ସେଂଟର ସ୍ୱାଧୀନତା ପାଇବା ପରେ ଭାରତର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଏକ ଯୋଜନା କମିଶନ୍ ପ୍ରତିଷ୍ଠା କଲେ। ସେହି ସେଂଟର କଂଗ୍ରେସର ତ୍ରିରଙ୍ଗା ପତାକା ଏଥି ମଧ୍ୟରେ ଏକ ଲମ୍ଫ ପ୍ରଦାନ ବାଘର ଚିତ୍ରକୁ ନେଇ ନିଜ ପ୍ରତିଷ୍ଠାର ପ୍ରତୀକ ପ୍ରସ୍ତୁତ୍ କଲେ। ଜନ-ଗଣ-ମନକୁ ଜାତୀୟ ସଂଗୀତ ଓ ଭାରତୀୟ ମାନଙ୍କ ମଧ୍ୟରେ ଜୟ-ହିନ୍ଦ୍ କହି ଅଭିବାଦନ କରିବାର ସାଧାରଣ ସମ୍ଭାଷଣ ଆରମ୍ଭ କରାଗଲା। ବର୍ଲିନ୍ ଠାରେ ୧୯୪୩ ମସିହା ଜାନୁୟାରୀ ୨୬ ତାରିଖରେ ଭାରତର ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରି ନେତାଜୀ ମୁଖ୍ୟ ଅଭିଭାଷଣ ପ୍ରଦାନ କଲେ। ନେତାଜୀ ଇଣ୍ଡିଆନ୍ ନେସ୍‌ନାଲ ଆର୍ମି ବା ଆଜାଦ୍ ହିନ୍ଦ୍ ଫୌଜକୁ ସମ୍ପୂର୍ଣ୍ଣ ଭାବେ ପୁନର୍ଗଠନ କରି ୧୯୪୩ ମସିହା ଜୁଲାଇ ୫ ତାରିଖରେ ସିଙ୍ଗାପୁର ଟାଉନ୍ ହଲ୍ ସମ୍ମୁଖସ୍ଥ ବିରାଟ ପଡିଆରେ ଆଜାଦ୍ ହିନ୍ଦ୍ ଫୌଜର ପ୍ରଧାନ ସେନାଧକ୍ଷ ଭାବରେ ସମ୍ବୋଧନ କରି ଦିଲ୍ଲୀ ଚଲୋ ! ଦିଲ୍ଲୀ ଚଲୋ ! ଡାକରା ଦେଇଥିଲେ। ୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ଆଜାଦ୍ ହିନ୍ଦ୍ ଫୌଜର ଝାନ୍‌ସି ରାଣୀ ରେଜିମେଂଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନେତାଜୀ ରାଷ୍ଟ୍ର ମୁଖ୍ୟ ଭାବେ ୧୯୪୩ ନଭେମ୍ବରରେ ଟୋକିଓ ଠାରେ ଅନୁଷ୍ଠିତ ବୃହତର ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ମିଳିତ ଅଧିବେଶନରେ ଯୋଗଦେଲେ। ପ୍ରଧାନ ମନ୍ତ୍ରୀ ତୋଜୋ ଘୋଷଣା କଲେ ଯେ ଜାପାନ ସୈନ୍ୟ ବାହିନୀ ଅଧୀନରେ ଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାରଙ୍କୁ ଶାସନ ହସ୍ତାନ୍ତର କରାଯିବ। ଆଣ୍ଡାମାନ୍ ଦ୍ୱୀପର ଜିମ୍‌ଖାନା ପଡିଆରେ ନେତାଜୀ ରାଷ୍ଟ୍ରମୁଖ୍ୟ ଭାବରେ ଜାତୀୟ ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ। କୁଖ୍ୟାତ୍ ସେଲୁଲାର ଜେଲ ପରିଦର୍ଶନ ପରେ ରସ୍ ଦ୍ୱୀପରେ ବ୍ରିଟିଶ୍ ମୁଖ୍ୟ କମିଶନରଙ୍କ ନିବାସକୁ ଦଖଲ କରି ଜାତୀୟ ତ୍ରିରଙ୍ଗା ପତାକା ଗର୍ବର ସହ ଉଡାଇଲେ। ନେତାଜୀ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଶହୀଦ ଓ ନିକୋବର ଦ୍ୱୀପ ପୁଞ୍ଜକୁ ସ୍ୱରାଜ ଦ୍ୱୀପ ପୁଞ୍ଜ ଭାବରେ ପୁନର୍ନାମିତ କରିଥିଲେ। ନେତାଜୀ ଭାରତ ସୀମା ଆଡକୁ ଆଗେଇବାର ପ୍ରଥମ ପ୍ରସ୍ତୁତି ସ୍ୱରୂପ ତାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସିଙ୍ଗାପୁରରୁ ରେଙ୍ଗୁନ୍ ନେଇ ଆସିଲେ। ଚଟଗ୍ରାମକୁ ଯାଇଥିବା ରାସ୍ତାରେ ଅରକିନ୍ ଠାରେ ଯେଉଁ ଯୁଦ୍ଧ ହେଲା ସେଥିରେ ଆଜାଦ୍ ହିନ୍ଦ୍ ଫୌଜ ଅଧିକ ଶକ୍ତିଶାଳୀରେ ପରିଣତ ହେଇଥିଲା। ଭାରତ-ଜାପାନ ମିଳିତ ବାହିନୀ ୧୯୪୪ ମସିହା ଏପ୍ରିଲ୍ ପ୍ରଥମ ସପ୍ତାହରେ କୋହିମା ଅଧିକାର ପରେ ପରେ ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କରି ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଥିଲେ। ୧୯୪୫ ଅଗଷ୍ଟରେ ହିରୋସିମା ଓ ନାଗାସାକି ସହର ଉପରେ ଆମେରିକା ଆଟମ୍ ବମ୍ ନିକ୍ଷେପ କରିବାରୁ ଜାପାନ ଆତ୍ମ ସମର୍ପଣ କଲା। ବର୍ମାରେ ପ୍ରକୃତିର ତାଣ୍ଡବ ଲୀଳା ଆଜାଦ୍ ହିନ୍ଦ୍ ଫୌଜକୁ ପତାନାଭିମୁଖୀ କରିଦେଇଥିଲା। ସେହିଦିନ ନେତାଜୀ ଆଜାଦ୍ ହିନ୍ଦ୍ ଫୌଜକୁ ସଂଗ୍ରାମ ଚଳାଇବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଥିଲେ। ସୋଭିଏତ୍ ଅଫିସ୍‌କୁ ଯିବାକୁ ଯୋଜନା କରିଥିଲା ପରେ କେତେଜଣଙ୍କୁ ସାଂଗରେ ଧରି ଟୋକିଓ ଯାତ୍ରା କଲେ ଓ ବାଟରେ ବ୍ୟାଙ୍କକ୍ ଓ ସାଇଗନ ଠାରେ କିଛି ସମୟ ରହିଥିଲେ। ସାଇଗନ୍ ଠାରୁ ନେତାଜୀ ଜାପାନୀ ବିମାନରେ ହବିବୁର ରହମାନଙ୍କୁ ସାଂଗରେ ନେଇ ଯାତ୍ରା କଲେ। ବିମାନଟି ଟୋକିଓ ଯିବା ବାଟରେ ତାଇହୋ ବିମାନ ବନ୍ଦରରେ ଉଡାଣ ଆରମ୍ଭ କଲାବେଳେ ଦୁର୍ଘଟଣା ଘଟିବାରୁ ଜାପାନୀ ସେନାଧକ୍ଷ ଶିଦେଇ ଓ ବିମାନ ଚାଳକଙ୍କ ସହ ଅନ୍ୟ କେତେକଙ୍କ ମୃତ୍ୟୁ ବରଣ କଲେ। ନେତାଜୀଙ୍କ ଶରୀରରେ ନିଆଁ ଲାଗିଯିବାରୁ ସେ ଭିଷଣ ଆହତ ହୋଇଛନ୍ତି। ଏହି ଖବର ଟୋକିଓ ରେଡିଓରୁ ୧୯୪୫ ଅଗଷ୍ଟ ୨୩ ତାରିଖ ଦିନ ପ୍ରଚାରିତ ହେଲା। ତାପରେ ସମ୍ବାଦ ମିଳିଲା ଯେ ତାଇହୋ ମିଲିଟାରୀ ହସ୍‌ପିଟାଲରେ ନେତାଜୀଙ୍କର ମୃତ୍ୟୁ ହୋଇଯାଇଅଛି। ହବିବୁର ରହମାନଙ୍କ କହିବା ଅନୁଯାୟୀ ତାଇହୋଠାରେ ତାଙ୍କ ସଂସ୍କାର କରାଯାଇ ପାଉଁଶକୁ ଟୋକିଓ ସହରର ରେଙ୍କୋଜୀ ମନ୍ଦିରରେ ରଖାଯାଇଥିଲା। ତାଙ୍କର ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଛି। ଜାତୀୟ ରାଜନୈତିକ ପଟ୍ଟଭୂମି, ଓ ଦଳିତ ମଣିଷ ଜାତି ପାଇଁ ଅମର ପ୍ରତୀକ ଭାବେ ଭାରତୀୟ ମାନଙ୍କର ସଂକଳ୍ପର ଉତ୍ସ ହୋଇ ନେତାଜୀ ସୁଭାଷ ସବୁଦିନେ ରହିବେ।

*ପାରାଦ୍ୱୀପଗଡ଼, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*




# ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା

**ଓ**ଡ଼ିଆ ଭାଗବତରେ ଅଛି: ***"ସାକ୍ଷାତେ ଗୁରୁ ଯେ ଈଶ୍ୱର/ଗୁରୁଙ୍କୁ ନମଣିବ ନର। ଗୁରୁଟି ସର୍ବ ଧର୍ମମୟେ/ ମୁହିଁ ବସଇ ଗୁରୁଦେହେ। ଏ ଘେନି ଗୁରୁ ଭଗବାନ/ ସେ ନୋହେ ମନୁଷ୍ୟ ସମାନ। ମୋତେ ପୂଜିବ ଗୁରୁଦେହେ/ମୋ ଠହୁଁ ଗୁରୁ ଭିନ୍ନ ନୋହେ। ମନ ବଚନ ନିଜ ଦେହେ/ନିତ୍ୟ ସେବିବ ଗୁରୁ ପାୟେ।"***

ଅର୍ଥାତ୍ ଗୁରୁହିଁ ଈଶ୍ୱର। ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା। ଗୁରୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମକକ୍ଷ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି। ସିଏହିଁ ପ୍ରକୃତ ଗୁରୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆମକୁ ଜ୍ଞାନ ରୂପକ ଆଲୋକ ନିକଟକୁ ଆଣିଥାଆନ୍ତି। ବହୁ ପୁରାତନ କାଳରୁ ଭାରତବର୍ଷରେ ଗୁରୁ ଓ ଶିଷ୍ୟ ପରମ୍ପରା ଚାଲିଆସିଛି। ଗୁରୁ ଏବଂ ଈଶ୍ୱରଙ୍କ ମଧ୍ୟରେ କିଏ ବଡ଼? ଏହି ଅର୍ଥରେ ଶାସ୍ତ୍ର ଏବଂ ଉପନିଷଦମାନେ କୁହନ୍ତି ଯେ ଗୁରୁଙ୍କ ସ୍ଥାନହିଁ ପ୍ରଥମ। କାରଣ ଗୁରୁଙ୍କର ଆଶୀର୍ବାଦ ବିନା ଈଶ୍ୱର କୃପା ମିଳି ପାରିବ ନାହିଁ। ଗୁରୁହିଁ ସକଳ କୃତିତ୍ୱର ମାର୍ଗ ଏବଂ ମାର୍ଗଦର୍ଶକ। ଉପଯୁକ୍ତ ଗୁରୁ ଏବଂ ତାଙ୍କର ଆଦର୍ଶ ପାଇଁ ଶିଷ୍ୟମାନେ ଧନ୍ୟ। ଅନ୍ୟ ଅର୍ଥରେ ଉପଯୁକ୍ତ ଶିଷ୍ୟହିଁ ଉପଯୁକ୍ତ ଗୁରୁର ମର୍ଯ୍ୟଦା ରକ୍ଷାକରିପାରେ।





ଗୁରୁଙ୍କ ଆଶୀର୍ବାଦରେ ପଙ୍ଗୁ ବି ପର୍ବତ ଲଙ୍ଘିପାରେ ଏବଂ ଅଭିଶାପରୁ ଠିକ୍‌ବେଳେ ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ମନ୍ତ୍ର ମନେ ନପଡ଼ିବା ଏବଂ ରଥଚକ ଭାଙ୍ଗିଲା ପରି, ଶିଷ୍ୟର ପ୍ରଭୂତ କ୍ଷତି ହୋଇଥାଏ। ପ୍ରାକ୍ ବୈଦିକ ଯୁଗରେ ଏଯାବତ୍ ସାରା ବିଶ୍ୱରେ ଗୁରୁଶିଷ୍ୟଙ୍କ ସଂପର୍କ ଅଧ୍ୟୟନ କଲେ ଛାତ୍ରଙ୍କ କୃତିତ୍ୱ ପାଇଁ : ଗୁରୁ କୃପା କେବଳମ୍। ହିନ୍ଦୁ ଧର୍ମରେ ଦ୍ରୋଣ, ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକିଙ୍କ ଭଳି ବହୁ ମହାନ ଗୁରୁମାନଙ୍କର ଦୃଷ୍ଟାନ୍ତ ଥିଲାବେଳେ ସେମାନଙ୍କର ଯୋଗ୍ୟତମ ଶିଷ୍ୟ ଯଥାକ୍ରମେ ଅର୍ଜୁନ, ରାମ, ଲବକୁଶ ଏବଂ ଏକଲବ୍ୟ ଭଳି ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି। ରାଜନୀତି କ୍ଷେତ୍ରରେ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ, ଗୁରୁ ରାମଦାସ ଓ ଶିବାଜୀ ଏବଂ ଏମିତି ଆହୁରି ଅଛନ୍ତି। ରମାକାନ୍ତ ଆକରେକର ଏବଂ ସଚିନ ତେନ୍ଦୁଲକର, କପିଳଦେବ ଓ ଆଜାଦ୍‌ଙ୍କର କଥା ଉଲ୍ଲେଖନୀୟ। ବେଦ ଯୁଗରେ ସଂଖ୍ୟାଧିକ ଗୁରୁଙ୍କର ଗୁରୁତ୍ୱ ଥିଲା କାରଣ ବେଦଗୁଡ଼ିକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶ୍ରୁତି କୁହନ୍ତି। ଏହାକୁ ଶୁଣାଇବା ପାଇଁ ଗୁରୁମାନଙ୍କର ଯଥେଷ୍ଟ ଆବଶ୍ୟକତା ଥିଲା ଉଭୟ ଜ୍ଞାନରେ ଓ ସଂଖ୍ୟାରେ।

ସେହିପରି ବିଶ୍ୱର ମାନସିକ ତଥା ବୌଦ୍ଧିକ ପରିବ ନରେ ଗୁରୁମାନଙ୍କର ସ୍ଥାନ ଅନସ୍ୱୀକାର୍ଯ୍ୟ। ଏ ଦୃଷ୍ଟିରୁ କନଫୁସିୟସ, ଲାତ୍‌ସି ଗାରିବାଲ୍‌ଡ଼ି ଏବଂ ମହାତ୍ମା ଗାନ୍ଧିଙ୍କ ପରି ଗୁରୁମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ। ଦର୍ଶନ କ୍ଷେତ୍ରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରି ଗୁରୁଙ୍କର ପଟାନ୍ତର ନାହିଁ। ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଜୋହାନ ଆମୋସ ଓ କୋମେନିଅସ୍, ସେମିତି ସଂପର୍କରେ ଅରିଷ୍ଟୋଟଲ ଓ ଆଲେକ୍‌ଜଣ୍ଡାର, ଏହିକ୍ରମରେ ସକ୍ରେଟିସ୍ ଇତ୍ୟାଦି କେତେ ବିଶ୍ୱଗୁରୁ ଅଛନ୍ତି ଯାହାଙ୍କ ଯୋଗୁଁ ଗୁରୁ ଓ ଶିଷ୍ୟ ଉଭୟ ଧନ୍ୟ, ଅର୍ଥାତ୍ ଯେମିତି ଗୁରୁଙ୍କୁ ସେମିତି ଶିଷ୍ୟ। ଗୁରୁହିଁ ଦ୍ୱିତୀୟ ପିତାମାତା। ସମାଜ ଓ ବ୍ୟକ୍ତି ପାଇଁ ଗୁରୁ ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ, ଯେଉଁଥିରେ ଗୁରୁଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ହାତ ବା ପ୍ରେରଣା ନାହିଁ।

ଛାତ୍ରଛାତ୍ରୀଙ୍କର ଭବିଷ୍ୟ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ସେହିମାନେହିଁ ତାଙ୍କ କଳାର କୁଶଳରେ ରାଷ୍ଟ୍ର ଗଠନ କରନ୍ତି। ଏଣୁ ସମାଜରେ ସେହିମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରି ୧୯୮୪ ମସିହା ଅକ୍ଟୋବର ୫ ତାରିଖଠାରୁ ବିଶ୍ୱ ଶିକ୍ଷକ ବା ଗୁରୁଦିବସ ପାଳିତ ହୋଇଆସୁଛି। ବ ମାନ ବିଶ୍ୱର ଶତାଧିକ ଦେଶ ଏହି ଦିବସଟିକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରନ୍ତି। ଏଥିପାଇଁ ଏଜୁକେଶନ ଇ ରନ୍ୟାସନାଲ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶିକ୍ଷକତା ବୃ ି ଉପରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି। ଶିକ୍ଷାବିତ୍ ଓ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫କୁ ପ୍ରତିବର୍ଷ ଗୁରୁ ବା ଶିକ୍ଷକ ଦିବସ ରୂପେ ଭାରତୀୟମାନେ ପାଳନ କରନ୍ତି। ଶିକ୍ଷକ ଦିବସ ପାଳନରେ ଭାରତହିଁ ପ୍ରଥମ ଦେଶ। ଏବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ଶିକ୍ଷକ ଦିବସ ପାଳନ କରନ୍ତି। ଯେମିତି ଭାରତ ପାଇଁ ସେପ୍ଟେମ୍ବର ୫, ଚୀନରେ ସେପ୍ଟେମ୍ବର ୧୦, ତାଇୱାନରେ ସେପ୍ଟେମ୍ବର ୨୮, ଯୁକ୍ତରାଷ୍ଟ୍ର ଆମେରିକାରେ ମେ ମାସ ପ୍ରଥମ ମଙ୍ଗଳବାର... ଇତ୍ୟାଦି। ତେବେ ଆନ୍ତର୍ଜାତିକ ବା ବିଶ୍ୱ ଶିକ୍ଷକ ଦିବସରୂପେ ଅକ୍ଟୋବର ୫କୁ ପାଳନ କରାଯାଏ। ଆସନ୍ତୁ ଆମେ ଏହାର ଅଂଶୀଦାର ହେବା। *... ତସ୍ମୈ ଶ୍ରୀ ଗୁରୁବେ ନମଃ ॥*

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଶ୍ରୀ ବିରଜା ସେବା ସମିତି ଆନୁକୂଲ୍ୟରେ ତ୍ରିଦିବସୀୟ ମା'ଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଜନ ସମାରୋହ ଉଦ୍‌ଯାପିତ

ଯାଜପୁର (ପିଏନ୍): ଶ୍ରୀ ବିରଜା ସେବାସମିତି ଆନୁକୂଲ୍ୟରେ ମା' ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ତ୍ରିଦିବସୀୟ ରଥଯାତ୍ରାର ଧାରାବିବରଣୀ ଓ ଭଜନ ସମାରୋହ ଉତ୍ସବ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି। ସଂପାଦକ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଯାଜପୁରର ସଂସ୍କୃତିକ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯଥାକ୍ରମେ ଉଦ୍‌ଘାଟନ ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବାସମିତି ଏହିପରି ମା'ଙ୍କ ସେବାରେ ଲାଗିଥା'ନ୍ତୁ ଓ ସମିତିର ଉ ରୋ ର ଉନ୍ନତି ହେଉ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ମହାଷ୍ଟମୀରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ମନ୍ଦିର ପରିସରରେ ଭକ୍ତମାନଙ୍କୁ ବ ନ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ସୂର୍ଯ୍ୟମଣି ଖୁ ିଆ, ଡଃ ଜୟକୃଷ୍ଣ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କାହ୍ନୁଚରଣ ମିଶ୍ର, ନିତ୍ୟାନନ୍ଦ ଦେଓ, ଅଧିକାରୀ ନବକିଶୋର ଦାସ, ଗଦାଧର ରାଉତ, ଗିରିଧାରୀ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ରଥ ଯାତ୍ରାର ଧାରା ବିବରଣ ପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଂଚରେ ସଭାପତିଙ୍କୁ ସହଯୋଗ କରିଥିଲେ। ସଭ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ହରିହର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ପ୍ରବୋଧ କୁମାର ନାୟକ ପ୍ରମୁଖ ସଭ୍ୟମାନେ ମଂଚରେ ସହଯୋଗ କରିଥିଲେ। ଉମାକାନ୍ତ ପାଢ଼ୀ ଓ ତାଙ୍କର ଦଳ ୩ଦିନ ଧରି ମା'ଙ୍କ ଭଜନ ପରିବେଷଣ କରିଥିଲେ। ସଂପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପଣ କେମିତି ପିତାମାତା !



**ବେ**ଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

### ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛ କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**

# ବାଲିଆ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ



ପାରାଦୀପ (ପିଏନ୍); ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତରେ ବିଜେପି ପକ୍ଷରୁ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସରେ ଦୁଇ ଦୁଇଟି ମିଶ୍ରଣ ପର୍ବ ଆୟୋଜନ କରି ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିରୋଧୀ ଦଳର ନେତାଙ୍କୁ ଚମକାଇ ଦେଇଛନ୍ତି। ଗତଥର ଉଭୟ ବିଜେଡ଼ି ଓ କଂଗ୍ରେସ ଦଳର ସମର୍ଥିତ ନାଏବ ସରପଂଚ, ୱାର୍ଡ଼ ସଭ୍ୟ ଓ କର୍ମୀ ଆନୁଷ୍ଠାନିକ ଭାବରେ ବିଜେପିରେ ଯୋଗ ଦେଇଥିବା ବେଳେ ପଂଚାୟତର ମହିମା ଅଲେଖ ମଠରେ ଆୟୋଜିତ ମିଶ୍ରଣ ପର୍ବ ପଦ୍ମ ଧରିଛନ୍ତି ବାଲିଆ ପଂଚାୟତ ସରପଂଚ ସରୋଜିନୀ ନାୟକ। ଏହାସହ ତାଙ୍କ ଦଳର ୧୦ ଜଣ ୱାର୍ଡ଼ ସଭ୍ୟଙ୍କ ସମେତ ଶତାଧିକ ସହଯୋଗୀ ଦଳରେ ସାମିଲ ହୋଇଥିବା ଏହି ନେତା ଓ କର୍ମୀମାନଙ୍କୁ ବିଜେପି ନେତା ସମ୍ପଦ ସ୍ୱାଗତ କରିବା ସହ ଏହାଦ୍ୱାରା ତୃଣମୂଳ ସ୍ତରରେ ସଂଗଠନ ଆହୁରି ମଜବୁତ ହେବ ବୋଲି କହିଛନ୍ତି। କୁଜଙ୍ଗ ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ ଓ ଗୋପିଆକୁଦ ସରପଂଚ ଶ୍ରୀନିବାସ ସ୍ୱାଇଁଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦି ସରକାରଙ୍କର ସୁଶାସନ ଓ ପାରାଦୀପର ବିକାଶ ଦିଗରେ କେନ୍ଦ୍ରର ପଦକ୍ଷେପକୁ ନେତାମାନେ ପ୍ରଶଂସା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଓଡ଼ିଶାରେ ଶିକ୍ଷାର ବିକାଶ ଓ ସାଧାରଣ ଜନତାଙ୍କ ସ୍ୱାବଲମ୍ବୀ କରାଇବା ଦିଗରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଗୁରୁ ଦିବସରେ ଭାରତର ପ୍ରତ୍ୟେକ ବ୍ଲକରେ ଶିକ୍ଷାର ବିକାଶ ପାଇଁ ଯୋଜନା ପ୍ରଣୟନ କରିଛନ୍ତି। ଯାହାଦ୍ୱାରା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱ ପ୍ରତି ଜନତାଙ୍କ ବିଶ୍ୱାସ ବଢ଼ି ଚାଲିଛି। ଅନୁରୂପ ଭାବେ କୋଭିଡ୍ ମହାମାରି ସମୟରେ ଲୋକଙ୍କ ସମସ୍ୟା ପ୍ରତି ଯତ୍ନଶୀଳ ହେଉ ଅବା ଚଳିତ ବର୍ଷ ବନ୍ୟା ପ୍ରଭାବିତଙ୍କ ପାଖରେ ପ୍ରଶାସନକୁ ପଛରେ ପକାଇ ପ୍ରଥମେ ପହଁଚିବା ହେଉ ସବୁଥିରେ ବିଜେପି ନେତା ବଢ଼ି ବଢ଼ି ଚାଲିଥିବା ବେଳେ କଂଗ୍ରେସ ଏହାର ବିରୋଧ ନ କରି ସମ୍ପୂର୍ଣ୍ଣ ଚୁପ୍ ରହୁଛି। ଏଣୁ ବାଧହୋଇ ଆମେ ବିଜେପି ଉପରେ ଭରସା ରଖି ଦଳରେ ମିଶିଛୁ ବୋଲି ଏହି ନେତାମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ସରପଂଚ ଶ୍ରୀମତି ନାୟକଙ୍କ ସମେତ ୱାର୍ଡ଼ ସଭ୍ୟ ସୌମେନ୍ଦ୍ର ପ୍ରଧାନ, ନିରୂପମା ପ୍ରଧାନ, ପ୍ରତାପ ସେଠୀ, ସୁଷମା ସ୍ୱାଇଁ, ପଦ୍ମିନୀ ଦଳାଇ, ସସ୍ମିତା ମହାନ୍ତି, କଲ୍ୟାଣୀ ବେହେରା, ନରେଶ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଶୁଭ ଦାସ, ପ୍ରକାଶ ପ୍ରଧାନ, ବୁନୁ ବାରିକ, ବାପିନା ପ୍ରଧାନ, ମନ ନାଥ, ଚରଣ ସେଠୀ, ମାନସ ସ୍ୱାଇଁ, ସୁନାକର ପ୍ରଧାନ, ହାପି ନାଥ, ଦିନ ଛଟେଇ, ମୁଳିଆ ଦାଶ, ମନ ଦାଶ, ସୁରେନ୍ଦ୍ର ସ୍ୱାଇଁ, କୈଳାଶ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଫକିର ପଲେଇ, ମୁରଲି ପଲେଇ ଓ ଗନ୍ଧର୍ବ ପଲେଇଙ୍କ ସମେତ ଶତାଧିକ ବିଜେଡ଼ି ଓ କଂଗ୍ରେସ କର୍ମୀମାନେ ବିଜେପିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ବାରିକ ଓ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକଶ କରିଛନ୍ତି। ସୂଚନା ଥାଉ କି, ୨୦୧୯ ମସିହା ଅଗଷ୍ଟ ୧୭ ତାରିଖ ବାଲେଶ୍ୱର ସିଂଲା ଥାନା ଅ ଳର ଜନୈକା ନାବାଳିକାକୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ସଞ୍ଜୟ ଦାସ ଦୁଷ୍କର୍ମ କରିଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ବାବଦରେ ସିଂଲା ଥାନା ପକ୍ଷରୁ ୧୨୦/୨୦୧୯ ଦଫା ୩୪୨, ୩୨୪, ୩୭୬, ୫୦୬ ଆଇପିସି ୬ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସମସ୍ତ ନଥିପତ୍ରକୁ ଭି ି କରି ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପିଡ଼ିତାକୁ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆପେକ୍ସ ବଡି ଅଫ ୱର୍କିଙ୍ଗ ଜର୍ନାଲିଷ୍ଟ ଏସୋସିଏସନ ଅଫ ଇଣ୍ଡିଆର ବନ୍ଧୁ ମିଳନ ଓ ସାମ୍ବାଦିକ ଓ ସମସ୍ତ ଜନତାଙ୍କର ଦେଶ ଗଠନରେ ଭୂମିକା ରହିଛି ବିଷୟ ବସ୍ତୁକୁ ନେଇ ଆଲୋଚ୍ନାଚକ୍ର ଅନୁଷ୍ଠିତ

ହରିଶଙ୍କର/ ଖପ୍ରାଖୋଲ/ ପାଟଣାଗଡ଼/ ବଲାଙ୍ଗିର /ଭୁବନେଶ୍ୱର/ ଦିଲ୍ଲୀ,(ପି.ଏନ) : ବଲାଙ୍ଗିର ଜିଲ୍ଲା, ପାଟଣାଗଡ଼, ସବଡ଼ିଭିଜନ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ସ୍ଥିତ ହରିଶଙ୍କର ମନ୍ଦିର ପରିସରରେ ଥିବା ମିଟିଙ୍ଗ ହଲରେ ଆଜି ତା ୦୪/୦୬/୨୦୨୩ ରବିବାର ତଥା ପୂର୍ଣ୍ଣ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆପେକ୍ସ ବଡି ଅଫ ୱର୍କିଙ୍ଗ ଜର୍ନାଲିଷ୍ଟ ଏସୋସିଏସନ ଅଫ ଇଣ୍ଡିଆର ତରଫରୁ ଏକ ବନ୍ଧୁ ମିଳନ ତଥା ଦେଶ ଗଠନ କରିବାରେ ସାମ୍ବାଦିକ ଓ ସମସ୍ତ ଜନତାଙ୍କର ଭୂମିକା ରହିଛି ବିଷୟ ବସ୍ତୁକୁ ନେଇ ଏକ ଆଲୋଚ୍ନା ଚକ୍ର ଅନିଷ୍ଠିତ ହୋଇଯାଇଛି ସ ଏଥିରେ ଅନୁଷ୍ଠାନର ଅଧକ୍ଷ ବରିଷ୍ଠ ସାମ୍ବାଦିକ ସୁନୀଲ କୁମାର ମିଶ୍ରଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ, ଅନ୍ନପୂର୍ଣ୍ଣା ସଂଚ୍ୟୟିକା ମହାସଂଘ (SHG ) ର ସାମ୍ବାଦିକା ଶ୍ରୀମତୀ କୁନି ପାଣିଗ୍ରାହୀ, ଶ୍ରୀମତୀ ଜୟଶ୍ରୀ ଭୋଇ, ଧରିତ୍ରୀ ଦୈନିକ ଖବର କାଗଜରେ ଅଭୟ ତ୍ରିପାଠୀ କନକ ଟିଭି ର ପ୍ରବୀଣ ପୁରୋହିତ, ଏମ.ବି.ସି ଟିଭିର ପ୍ରାର୍ଥକ ଭୋଇ, ପ୍ରଗତିବାଦୀ ଦୈନିକ ଖବର କାଗଜରେ ସଦାନନ୍ଦ ବେହେରା ଓ ରାୟପୁର ରୁ ଆସିଥିବା ମୀନକେତନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଅଂଶ ଗ୍ରହଣ କରିଥିଲେ ଓ ଆବାଜ (ଆୱାଜ ) ଅଫ ଇଣ୍ଡିଆର ଅଧକ୍ଷ ବରିଷ୍ଠ ସାମ୍ବାଦିକ ସୁନୀଲ କୁମାର ମିଶ୍ର ଅନୁଷ୍ଠାନ ଉଦେଶ୍ୟ, ଲକ୍ଷ୍ୟ ସମ୍ବନ୍ଧରେ ପୂବ୍ୟାନୁପୁନଃ ଭାବରେ କହିଥିଲେ ଓ ସମସ୍ତ ସାମ୍ବାଦିକ ବନ୍ଧୁ ଏକଜୁଟ ହୋଇ ଆମ ମାନଙ୍କ ନ୍ୟାୟ ଯୁକ୍ତ ଯୁକ୍ତି ଯୁକ୍ତ ଦାବି ଗୁଡିକ ସରକାରଙ୍କଠାରେ ଉପସ୍ଥାନ କରି ଯଥା ଶୀଘ୍ର ପୂରଣ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବାର ସମୟ ଆସିଯାଇଛି ବୋଲି ଅନୁରୋଧ କରିଥିଲେ ଓ ଦାବି ମାନଙ୍କ ମଧ୍ୟରେ ମୁଖ୍ୟ ଦାବି ହେଲା ଆଗାମୀ ସାଧାରଣ ୨୦୨୪ ନିର୍ବାଚ୍ନ ପୂର୍ବରୁ ଯେପରିକି ସରକାର ସାମ୍ବାଦିକମାନଙ୍କୁ ସମ୍ବିଧାନର ଚ୍ତୁର୍ଥ ସମ୍ଭ ହିସାବରେ ମୁଁହ ବା ଜିଭ ଓଠରୁ ନ କହି ସରକାରୀ ହିସାବରେ କାଗଜ କଲମରେ ସ୍ୱୀକୃତି ଦେବା ପାଇଁ ସଂଗ୍ରାମ ଜାରି ରଖିବା ଓ ଏହା ସତ ଯେ ଜନତା ଜନାର୍ଦ୍ଧନ ସାମ୍ବାଦିକ ମାନଙ୍କୁ ସ୍ୱହୃଦୟରୁ ଚ୍ତୁର୍ଥ ସ୍ତମ୍ଭ ହିସାବରେ ଗ୍ରହଣ କରିନେଇଛନ୍ତି ଓ ତେଣୁ ସରକାର କାହିଁକି କରୁନାହାନ୍ତି ତାହା ଏବେ ଆମେ ସମସ୍ତେ ଚ୍ନିତା, ଅନୁଧାନ ଓ ବିଶ୍ଲେଷଣ କରିବା କଥା ବୋଲି କହିଥିଲେ ଓ ଦୈନିକ ଖବରକାଗଜ ଧରିତ୍ରୀ ର ସାମ୍ବାଦିକ ଅଭୟ ତ୍ରିପାଠୀ ଏକ ରାଜା କିପରି ଠିକ ନିର୍ଣ୍ଣୟ ଓ ନିଷ୍ପତି ନେଇ ସୁଶାସନ ଓ ଲୋକଙ୍କ ସମସ୍ୟାକୁ ଠିକ ସହ ନ୍ୟାୟ ପ୍ରଦାନ କରୁଥିଲେ ଓ ଏବେ ମଧ ଦେଶ ଗଠନ କରିବା ପାଇଁ ସେହିପରି ସୁଶାସନ, ନିର୍ଣ୍ଣୟ, ନିଷ୍ପତ୍ତି ଓ ନ୍ୟାୟ ଦେବାକୁ ପଡିବ ତାହା ହେଲେ ଏକ ସୁସ୍ଥ ଓ ଗଠନ ମୂଳକ ଦେଶ ହୋଇ ପାରିବ ଓ ସେହିପରି କନକ ଟିଭିର ସାମ୍ବାଦିକ ପ୍ରବୀଣ ପୁରୋହିତ ଏମ . ବି. ସି. ଟିଭିର ପାର୍ଥିବ ଭୋଇ, ପ୍ରଗତିବାଦୀ ଦୈନିକ ଖବର କାଗଜର ସାମ୍ବାଦିକ ସଦାନନ୍ଦ ବେହେରା, ରାୟପୁରରୁ



ଆସିଥିବା ମିନକେତନ ଦାଶ, କୁନି ପାଣିଗ୍ରାହୀ, ପ୍ରମୁଖ ସମସ୍ତଙ୍କୁ ଏକଜୁଟ ହେବାକୁ ପଡିବ, ସଚେତନ କରିବାକୁ ପଡିବ ଏକ ସୁସ୍ଥ ସକଳ ଓ ଗଠନ ମୂଳକ ଦେଶ ଗଠନ କରିବା ପାଇଁ, ଆଉ ଆଗେ ସମସ୍ତେ ତଥା ସାମ୍ବାଦିକ ମାନେ ଏକତ୍ରିତ ହୋଇ ତାଙ୍କର ନ୍ୟାୟ ଦାବି ଗୁଡିକ ପୂରଣ ସହିତ ସମ୍ବିଧାନର ଚ୍ତୁର୍ଥ ସ୍ତମ୍ଭର ମାନ୍ୟତା ଦେବା ପାଇଁ ଆମେ ସମସ୍ତେ ମିଳିମିଶି ହାତ ମିଳେଇ ସରକାରଙ୍କ ଠାରେ ଉପସ୍ଥାପନ କରିବା ଜରୁରୀ ହୋଇ ଗଲାଣି ବୋଲି କହିଥିଲେ ଓ ସଭା ପ୍ରାରମ୍ଭରୁ ବାଲେଶ୍ୱର ଜିଲ୍ଲାରେ ମର୍ମନ୍ତୁଦ ରେଳ ଦୁର୍ଘଟଣା ରେ ପ୍ରାଣ ହରାଇ ଥିବା ବ୍ୟକ୍ତି ବେଶେଷଙ୍କର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ନିରବ ପାର୍ଥନା କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ପ୍ରାୟ ଶହେରୁ ଉର୍ଦ୍ଧ ସାମ୍ବାଦିକ, ସମାଜସେବୀ, ବୁଦ୍ଧଜୀବୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମ କର୍ତ୍ତା ସଭ୍ୟା ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ଓଶେଷରେ ସାମ୍ବାଦିକ ଅଭୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ଓ ଉପସ୍ଥିତ ସମସ୍ତେ ଏକ ସାଙ୍ଗରେ ଦେବ ସ୍ଥାନ ହରିଶଙ୍କର ମହାପ୍ରଭୁଙ୍କ ପ୍ରସାଦ ସେବନ କରିଥିଲେ ଓ ଆଜିର କାର୍ଯ୍ୟକ୍ରମ ସଫଳ ହେବ ସହ ସମସ୍ତଙ୍କର ଏକ ଚ୍ରଚ୍ଚା ର ବିଷୟ ବସ୍ତୁ ପାଲଟିବା ସହ ବିଶେଷ ପ୍ରଭାବ ପକାଇଛି ରେଳ ଦୁର୍ଘଟଣା ଯୋଗୁଁ ଅନେକ ରେଳ ବାତିଲ ହେବ ଫଳରେ ଦୂରଦୂରାନ୍ତରୁ ଅନେକ ସାମ୍ବାଦିକ ବନ୍ଧୁ ମାନେ ଆସିପାରିନଥିଲେ ଓ ପ୍ରକାଶ ଥାଉ କି ଏହି ଦେବସ୍ଥାନ ହରିଶଙ୍କର ମନ୍ଦିର ଓ ଏଠାରେ ଥିବା ପବିତ୍ର ଝରଣା ରେ ସ୍ନାନ କରି ହରିଶଙ୍କର ମହାପ୍ରଭୁଙ୍କୁ ପୂଜା ପାର୍ଥନା କେଲେ ସମସ୍ତେ ପାପନାଶ ହୁଏ ବୋଲି ବିଶ୍ୱାସ ରହିଛି ଓ ପ୍ରତିଦିନ ୮ ଶତାଧିକ ଭକ୍ତ ଭାରତର ବିଭିନ୍ନ ସ୍ଥାନରୁ ଏଠାକୁ ଆସିଥାନ୍ତି ।

# ଅମଲାଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଷଷ୍ଠ ଦିନରେ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ ଡାକରାରେ ୧ ତାରିଖରୁ ସମସ୍ତ ଅମଲା ସମୂହ ଛୁଟି ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି। ଅମଲାଙ୍କ ଆନ୍ଦୋଳନ ଆଜି ଷଷ୍ଠ ଦିନରେ ପହଁଚିଛି। ଜିଲ୍ଲା ଓକିଲ ସଂଘ ଅମଲାଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଜିଲ୍ଲା ଓକିଲ ସଂଘର ସଭାପତି ଲମ୍ବୋଧର ତୁରୁକୁ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ରାମ ପ୍ରସାଦ ପଟ୍ଟନାୟକ, ଗୋପାଳ ପଣ୍ଡା, ଦିଲୀପ ପରିଛା ପ୍ରମୁଖ ଓକିଲ ସଂଘର ସଦସ୍ୟ ମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଅମଲା ମାନଙ୍କ ନିକଟକୁ ଯାଇ ସେମାନଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରି ସମର୍ଥନ ଜଣାଇଥିଲେ। ଅମଲା ମାନଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଥିବା ବେଳେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଅଚଳ ହୋଇଯାଇଛି। ବିଭିନ୍ନ କାଗଜପତ୍ର କାମ ସବୁ ବନ୍ଦ ହୋଇଯାଇଛି।ବାଲେଶ୍ୱର ବାହାନଗା ଷ୍ଟେସନ ଠାରେ ଦୁଇଟି ସୁପର ଫାଷ୍ଟ ଟ୍ରେନ ଓ ଗୋଟିଏ ମାଲ ବାହୀ ଟ୍ରେନ ଦୁର୍ଘଟଣାଗସ୍ତ ହୋଇ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦଗତି କାମନା କରି ଧାରଣାରତ ଅମଲା ମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ୬ ଦିନ ହେଲା ନିଜର ହକ ପାଇଁ ଅମଲାଙ୍କ ସମୂହ ଛୁଟିନେବା ଓ ଗଣ ଧାରଣା ଦେବା ଫଳରେ ସମସ୍ତ ଅଫିସ ଗୁଡିକରେ ଚେୟାର ଖାଲି ପଡ଼ିଛି। ଏକ ରକମର ଅଫିସ ଅଚଳ ହୋଇ କାର୍ଯ୍ୟ ଠପ ହୋଇଯାଇଛି। ଦୂର ଦୁରାନ୍ତରୁ ବିଭିନ୍ନ ଅଫିସ କାମରେ ଆସୁଥିବା ଗ୍ରାମବାସୀ ମାନେ ନିରାଶ ହୋଇ ଫେରି ଯାଉଥିବାର ଦେଖିବାକୁ ମିଳିଛି। ଅମଲାଙ୍କ ପ୍ରତି ସରକାରଙ୍କର ବୈମାତୃକ, ମନୋଭାବ କାଳକ୍ଷେପଣ ନୀତି ବିରୁଦ୍ଧରେ ପ୍ରତିବାଦ ଜଣାଇ ଧାରଣା ଦେଇଛନ୍ତି।ଅମଲା ମାନଙ୍କ ଦାବି ପୂରଣ ନ ହେଲାପର୍ଯ୍ୟନ୍ତ ଏହି ଗଣଧାରଣା ଓ ସମୂହ ଛୁଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମିଳିତ ଅମଲା ମଂଚର ସଭାପତି ଲକ୍ଷ୍ମୀନାରାୟଣ ସେଠି ଓ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ଆବାହକ ଶ୍ୟାମସୁନ୍ଦର ନାୟକ ସୂଚନା ଦେଇଛନ୍ତି।

# ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କୁ ୩ ଦଫା ଦାବୀପତ୍ର ପ୍ରଦାନ

ମାଲକାନଗିରି, (ପି.ଏନ): ଆଜି ମାଲକାନଗିରି ବିଜେପି ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲଙ୍କ ନେତୃତ୍ୱରେ ବିଜେପି କର୍ମୀ ମାନେ ଜିଲାପାଳ୍ବିଶାଲ ସିଂ ଙ୍କୁ ଭେଟି ଏକ ୩ ଦଫା ଦାବୀପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବୀ ଗୁଡିକ ମଧ୍ୟରେ କାଳବୈଶାଖୀରେ ନିର୍ମାଣାଧିନ ଏୟାରପୋର୍ଟ ପାଚେରି ଭାଙ୍ଗି ମୃତ୍ୟୁ ବରଣ କରିଥିବା ପରିବାରକୁ ୨୫ ଲକ୍ଷ ଟଙ୍କା ପ୍ରଦାନ ଏବଂ ହୋଇଥିବା ନିମ୍ନମାନର କାମର ତଦନ୍ତ। କାଳିମେଲା ବ୍ଲକ ଭୁବନପଲ୍ଲୀ ପଂଚାୟତର କୁନନପାଲ୍ଲୀ ଓ ତାଣ୍ଡବାଇ ପଂଚାୟତ କଟନପଲ୍ଲୀରୁ ବେଆଇନ ଭାବେ ଧଳା ପଥର ସରକାରୀ କର୍ମଚାରିଙ୍କୁ ହାତ କରି ଲୁଟ ଚାଲିଛି ତାହାର ତଦନ୍ତ ଏବଂ କାଳିମେଲା ବ୍ଲକରେ ୧୦ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେବାର ବହୁ ବର୍ଷ ପରେ ମଧ ଲୋକଙ୍କ କାମରେ ଆସୁନାହିଁ ଅଥଚ ଏହାର ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି।


# ଅମଲାଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଷଷ୍ଠ ଦିନରେ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ ଡାକରାରେ ୧ ତାରିଖରୁ ସମସ୍ତ ଅମଲା ସମୂହ ଛୁଟି ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି। ଅମଲାଙ୍କ ଆନ୍ଦୋଳନ ଆଜି ଷଷ୍ଠ ଦିନରେ ପହଁଚିଛି। ଜିଲ୍ଲା ଓକିଲ ସଂଘ ଅମଲାଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଜିଲ୍ଲା ଓକିଲ ସଂଘର ସଭାପତି ଲମ୍ବୋଧର ତୁରୁକୁ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ରାମ ପ୍ରସାଦ ପଟ୍ଟନାୟକ, ଗୋପାଳ ପଣ୍ଡା, ଦିଲୀପ ପରିଛା ପ୍ରମୁଖ ଓକିଲ ସଂଘର ସଦସ୍ୟ ମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଅମଲା ମାନଙ୍କ ନିକଟକୁ ଯାଇ ସେମାନଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରି ସମର୍ଥନ ଜଣାଇଥିଲେ। ଅମଲା ମାନଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଥିବା ବେଳେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଅଚଳ ହୋଇଯାଇଛି। ବିଭିନ୍ନ କାଗଜପତ୍ର କାମ ସବୁ ବନ୍ଦ ହୋଇଯାଇଛି।ବାଲେଶ୍ୱର ବାହାନଗା ଷ୍ଟେସନ ଠାରେ ଦୁଇଟି ସୁପର ଫାଷ୍ଟ ଟ୍ରେନ ଓ ଗୋଟିଏ ମାଲ ବାହୀ ଟ୍ରେନ ଦୁର୍ଘଟଣାଗସ୍ତ ହୋଇ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦଗତି କାମନା କରି ଧାରଣାରତ ଅମଲା ମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ୬ ଦିନ ହେଲା ନିଜର ହକ ପାଇଁ ଅମଲାଙ୍କ ସମୂହ ଛୁଟିନେବା ଓ ଗଣ ଧାରଣା ଦେବା ଫଳରେ ସମସ୍ତ ଅଫିସ ଗୁଡିକରେ ଚେୟାର ଖାଲି ପଡ଼ିଛି। ଏକ ରକମର ଅଫିସ ଅଚଳ ହୋଇ କାର୍ଯ୍ୟ ଠପ ହୋଇଯାଇଛି।


# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Thursday June 08, 2023 ଭୁବନେଶ୍ୱର ଗୁରୁବାର, ଜୁନ ୦୮,୨୦୨୩ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com



# ବାଲେଶ୍ୱର ରେଳ ଦୁର୍ଘଟଣା : ଓଡ଼ିଶା ମୃତକଙ୍କ ପରିବାରର ଜଣକୁ ଚାକିରି ଓ ପିଲାଙ୍କୁ ମାଗଣା ଶିକ୍ଷା ଦେବ କିଟ୍

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ବାହାନଗାଠାରେ ଘଟିଥିବା ସବୁଠାରୁ ଦୁଃଖଦ ରେଳ ଦୁର୍ଘଟଣାରେ ଓଡ଼ିଶାର ମୃତକଙ୍କ ପରିବାରର ଜଣେ ଯୋଗ୍ୟ ବ୍ୟକ୍ତି ଓ ତାଙ୍କ ପରିବାରର ପିଲାଙ୍କୁ କିଟ୍‌ରେ ମାଗଣା ଶିକ୍ଷା ଦାନ କରିବାକୁ କିଟ୍ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଆଜି ଏ ସମ୍ପର୍କରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଲେ, ଏତେ ବଡ଼ ରେଳ ଦୁର୍ଘଟଣା ଅତ୍ୟନ୍ତ ଦୁଃଖ ଦାୟକ। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରର ଦୁଃଖ ଆମେ ଲାଘବ କରି ନ ପାରିଲେ ମଧ୍ୟ ସେମାନଙ୍କୁ କିଛି ସାହାଯ୍ୟ କରିପାରିଲେ ଆମେ ନିଜକୁ ଧନ୍ୟ ମନେକରିବୁ। ପୂର୍ବରୁ ବିଭିନ୍ନ ଦୁର୍ବିପାକ ସମୟରେ କିଟ୍ ଓ କିସ୍ ସାଧାରଣ ଲୋକଙ୍କୁ ସହାୟତାର ହାତ ବଢ଼ାଇ ଆସିଛି। କୋଭିଡ୍ ସମୟରେ ମଧ୍ୟ କିଟ୍ ଶତାଧିକ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ, କୋଭିଡ୍ ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ସହ ଲକ୍ଷାଧିକ ଲୋକଙ୍କୁ ସାହାଯ୍ୟ କରିପାରିଥିଲା। ଏହି ଅବସରରେ ଶ୍ରୀ ସାମନ୍ତ ସୂଚନା ଦେଇ କହିଲେ, ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ମୋଟ ୨୮୮ଜଣଙ୍କ ମଧ୍ୟରୁ ଓଡ଼ିଶାରୁ ୩୯ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ରହିଛି। ଓଡ଼ିଶାର ମୃତ ବ୍ୟକ୍ତିଙ୍କ ପରିବାରର ଜଣେ ସଦସ୍ୟଙ୍କୁ ତାଙ୍କ ଯୋଗ୍ୟତା ଭିତ୍ତିରେ କିଟ୍ ଓ କିସ୍‌ରେ ନିଯୁକ୍ତି ପ୍ରଦାନ କରାଯିବା ନିମନ୍ତେ କିଟ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରେଳ ଦୁର୍ଘଟଣାରେ ପିତା ମାତା ହରାଇଥିବା ବ୍ୟକ୍ତିଙ୍କ ପିଲାମାନେ ଶିକ୍ଷାଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କଲେ କିଟ୍ ଓ କିସ୍‌ରେ ସେମାନଙ୍କୁ ପ୍ରଥମ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଯେ କୌଣସି ଶ୍ରେଣୀରେ ସେମାନଙ୍କ ଯୋଗ୍ୟତା ଅନୁସାରେ ମାଗଣାରେ ଶିକ୍ଷା ପ୍ରଦାନ କରାଯିବ। ଏଥିପାଇଁ କିଟ୍ ପକ୍ଷରୁ ଆବେଦନ ପ୍ରକ୍ରିୟା ବିଧିବଦ୍ଧ ଘୋଷଣା କରାଯିବ। ବାଲେଶ୍ୱରର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ଭାରତର ଚଳିତ ଦଶକର ସବୁଠାରୁ ବଡ଼ ରେଳ ଦୁର୍ଘଟଣା। ଏହି ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ତୁରନ୍ତ ସହଯୋଗ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ଅକୁଣ୍ଠ ସହଯୋଗକୁ ଶ୍ରୀ ସାମନ୍ତ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ମିଳିତ ସହଯୋଗ ଯୋଗୁଁ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଯାଇପାରିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ଆତ୍ମାର ସଦଗତି କାମନା କରି ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ। ଏହା ସହ ଶ୍ରୀ ସାମନ୍ତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।



## ମାଲକାନଗିରି ଜିଲ୍ଲା ଯୋଜନା କମିଟି ବୈଠକ

ମାଲକାନଗିରି, (ପି.ଏନ):ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଓ ଯୁବସେବା ଏବଂ ଗୃହ ତଥା ମାଲକାନଗିରି ଜିଲ୍ଲା ଯୋଜନା କମିଟି ଅଧକ୍ଷ ତୁଷାରକାନ୍ତି ବେହେରା ମାଲକାନଗିରି ଗସ୍ତରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ଯୋଜନା କମିଟି ବୈଠକରେ ଅଧକ୍ଷତା କରିଛନ୍ତି । ସେ ଏହି ଅବସରରେ କହିଛନ୍ତି ଯେ ଗୁରୁପ୍ରିୟା ସେତୁ ଉଦ୍ଘାଟନ ହେବାପର ଠାରୁ ଜିଲ୍ଲାରେ ପାନୀୟ ଜଳ, ରାସ୍ତା ଇତ୍ୟାଦି କ୍ଷେତ୍ରରେ ବହୁତ ଉନ୍ନତି ସାଧନ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଲୋକମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁବିଧା ପାଇପାରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେଉଛନ୍ତି। ଲୋକମାନଙ୍କ ନିକଟରେ ଆମେ ଉତ୍ତରଦାୟୀ ହୋଇଥିବାରୁ ସେମାନଙ୍କର ଆବଶ୍ୟକତା ଓ ଉପଲବ୍ଧ ଭିତ୍ତିଭୂମି ଆଧାରରେ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାରେ ବିଜୁଳି , ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଓ ଜୀବନ ଜୀବିକା ଇତ୍ୟାଦି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ୫ଟିକୁ ସଫଳତାର ସହ କାର୍ଯ୍ୟ କରି ଜିଲ୍ଲାରେ ବିକାଶମୁଖୀ କାର୍ଯ୍ୟକୁ ତ୍ୱରାନିତ କରିବା ନିମନ୍ତେ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ଅମୃତମଣୋହି ଜମି ମହାପ୍ରଭୁଙ୍କୁ ଫେରାଇବା ଅଭିଯାନ
## ଉର ଗ୍ରାମରେ ବେଦାନ୍ତ ବିରୋଧୀଙ୍କ ସଭା

ପୁରୀ,(ପି.ଏନ): କୋଣାର୍କ ବେଳାଭୂମି ମାର୍ଗ ଉପକଣ୍ଠ ୨୨ ମୌଜା ଅଞ୍ଚଳର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଏକରର ମୂଲ୍ୟବାନ ଚାଷଜମି ଓ ଘରବାରୀ ଜମିକୁ ଶାଗମାଛ ଦରରେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ କରିବା ଆଳରେ ବେଦାନ୍ତ କମ୍ପାନୀ ହାତେଇନେଇ ଥିଲା । ବେଦାନ୍ତ କମ୍ପାନୀକୁ ଏହି ଜମି ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦର୍ଶାଇ ସରକାରୀ ଜମି, ସ୍ଥିତିବାନ ଜମି ସହ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ମଧ୍ୟ ହସ୍ତାନ୍ତର କରିଥିଲେ । ଯାହାକୁ ନେଇ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଥିଲା ଓ ପରବର୍ତ୍ତୀ ସମୟରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ଏହାକୁ ଦୃଢ଼ ବିରୋଧ କରିଥିଲା । ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ବେଦାନ୍ତ ବିରୋଧୀମାନେ କେବଳ ପୁରୀ ସହର ନୁହେଁ, ରାଜ୍ୟବାସୀଙ୍କୁ ଏହି ବେଆଇନ୍ ଜମି ହସ୍ତାନ୍ତର ନେଇ ସଚେତନ କରିବା ସହ ନୂଆଦିଲ୍ଲୀ ଠାରେ ବିଶାଳ ଶୋଭାଯାତ୍ରାରେ ପ୍ରତିବାଦ କରିଥିଲେ । ଶେଷରେ ହାଇକୋର୍ଟଙ୍କ ଠାରୁ ସୁପ୍ରିମକୋର୍ଟ ଯାଏଁ ବେଦାନ୍ତ କମ୍ପାନୀର ଏହି ଜମି ଦଖଲକୁ ବେଆଇନ ଦର୍ଶାଇବା ସହ କମ୍ପାନୀକୁ ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିବା ରାଜ୍ୟ ସରକାରଙ୍କୁ ବି ଭର୍ତ୍ସନା କରିଛନ୍ତି। ଏବେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଫେରିପାଇବେ ସେ ନେଇ ପୁଣି ସଂଘର୍ଷ ଆରମ୍ଭ କରୁଥିବା ଜଣାଯାଇଛି। ଆଜି ପୂର୍ବାହ୍ଣରେ ପୁରୀ ସଦର ୨୨ ମୌଜା ଅନ୍ତର୍ଗତ ଉର ଗ୍ରାମର ଆରାଧ୍ୟ ଦେବ ପ୍ରଭୂ ମହାବୀର ଙ୍କ ମନ୍ଦିର ପ୍ରାଙ୍ଗଣରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଙ୍ଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନ ଙ୍କ ସଭାପତିତ୍ୱରେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଫେରିପାଇବେ ସେନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ମିଶ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ହରପ୍ରସାଦ ଜେନା, ଲକ୍ଷ୍ମଣ ପ୍ରଧାନ,ଶରତ ଚନ୍ଦ୍ର ସାହୁ, ପର୍ଶୁରାମ ପ୍ରଧାନ, ଗଙ୍ଗାଧର ପ୍ରଧାନ,ବ୍ରଜ ବେହେରା, କିଶୋର ପ୍ରଧାନ, ପ୍ରଭାକର ସ୍ୱାଇଁ, ପ୍ରଭୃତି ଶତାଧିକ ଗ୍ରାମବାସୀ ଯୋଗଦାନ କରିଥିଲେ।



# ଆରିୟା ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭୁବନେଶ୍ୱର, ୭/୬(ବି.ପ୍ର) : ବଡବିଲ ମାଟକାମବେଡା ସ୍ଥିତ ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ପରିସରରେ ଚଳିତ ଜୁନ୍ ୫ ତାରିଖ ସୋମବାର ଦିନ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାରଖାନାର ୟୁନିଟ୍ ହେଡ ତଥା ଚିଫ୍ ଟେକନିକାଲ ଅଫିସର ସୁରଜ ପ୍ରସାଦ ଓ ହେଡ ଅପରେସନ୍ ଡକ୍ଟର ଚୈତନ୍ୟ ତରଣ ଗିରି ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି କହିଥିଲେ । ବୃକ୍ଷରୋପଣ ହିଁ ପରିବେଶ ସୁରକ୍ଷା ଦେବା ସହ ପ୍ରଦୂଷଣ ମୁକ୍ତ ସହ ସବୁଜ ବଳୟ ସୃଷ୍ଟି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ପରିବେଶ ସୁରକ୍ଷା ପାଇଁ କମ୍ପାନୀ ପ୍ରତ୍ୟେକ ବର୍ଷ ନିଜ ପରିସରରେ ଚାରା ଲଗାଇବା ସହ ଆଖପାଖ ଅଞ୍ଚଳରେ ଚାରାରୋପଣ କରୁଛି । ଏହି କାର୍ଯ୍ୟକ୍ରମରେ ସିଏସ୍ଆର୍ ହେଡ ସୁକାନ୍ତ ଉପାଧ୍ୟାୟ, ଉଦ୍ୟାନ ଅଧିକାରୀ ସୁଶାନ୍ତ ଜେନା, ସେଫ୍ଟି ମ୍ୟାନେଜର ଅନିଲ କୁମାର ମିଶ୍ର, ସିଏସ୍ଆର୍ ଡେପୁଟି ମ୍ୟାନେଜର ବିଭୁତି ଭୂଷଣ ମହାନ୍ତି, ସେଫ୍ଟି ଅଫିସର ପ୍ରିୟବ୍ରତ ପାଣି, ଏଜିଏମ୍ ଅପରେସନ୍ ସରୋଜ କୁମାର ରାୟ, ଆସିଷ୍ଟାଣ୍ଟ ମ୍ୟାନେଜର ସବ୍ୟସାଚୀ ମିଶ୍ର, ହେଡ ଆକାଉଣ୍ଟସ୍ ଏଣ୍ଡ ଫାଇନାନ୍ସ୍ ବ୍ରହ୍ମାନନ୍ଦ ଓଝା, ଏଚ୍ଆର୍ ଅଫିସର ରବିନ୍ଦ୍ର କୁମାର ମହାନ୍ତି, ପରଚେଜ୍ ହେଡ ସନ୍ଦେସ୍ ସିଂଙ୍କ ସମେତ କମ୍ପାନୀର କର୍ମଚାରୀ ଏବଂ ଶ୍ରମିକ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ । କଲୋନୀ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



# ବାଲିଚନ୍ଦ୍ରପୁର ଠାରେ ବିଜେଡ଼ି ପକ୍ଷରୁ ଯୁବ ସମାବେଶ

ଦର୍ପଣ,(ପିଏନ୍): ବଡ଼ଚଣା ନିର୍ବାଚନ ମଣ୍ଡଳୀ ବିଜୁଜନତାଦଳ ପକ୍ଷରୁ ବାଲିଚନ୍ଦ୍ରପୁର ସ୍ଥିତ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ଆଜି ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ବଡ଼ଚଣାର ନେତା ଜନ୍ମେଜୟ ଲେଙ୍କା ଯୋଗଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଲେଙ୍କାଙ୍କୁ ୫୩ନଂ ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ଛକ ଠାରୁ ଏକ ବିରାଟ ବାଇକ ପଟୁଆରରେ ସଭାସ୍ଥଳକୁ ନିଆଯୋଇଥିଲା। ପଟୁଆରରେ ଯିବା ସମୟରେ ବାଲିଚନ୍ଦ୍ରପୁର ହାଟ ଠାରେ ଥିବା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରୀଲେଙ୍କା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆୟୋଜିତ ଯୁବ ସମାବେଶରେ ନଳୀପୁର ସରପଂଚ ସେକ୍ ଅବଦୁଲ ଗନି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେଳୀଆ ପଂଚାୟତ ସମିତି ସଭ୍ୟ ଧନେଶ୍ୱର ବେହେରା, ପ୍ରାକ୍ତନ ସରପଂଚ ଶ୍ରୀମତୀ ଦମୟନ୍ତୀ ସାମଲ, ପ୍ରାକ୍ତନ ସମିତି ସଭ୍ୟ ଦୀଲ୍ଲୀପ ସାମଲ, ପ୍ରମୋଦ ଜେନା, ମହମ୍ମଦ ମୁନସର, ଯୁବନେତା ସଂଜୟ ଖୁଂଟିଆ, ବିଧାନ ସାମନ୍ତରାୟ, ସେକ୍ ଜିଆଉଲ ପ୍ରମୁଖ ଯୋଗଦେଇଥିଲେ। ଆଜିର ଯୁବକମାନେ ଆସନ୍ତା କାଲି ଦେଶ ଓ ରାଜ୍ୟର ଭବିଷ୍ୟତ, ଯୁବକ ଛାତ୍ରମାନଙ୍କୁ ଅଗ୍ରାଧିକାର ଦିଆଯିବାର ଆବଶ୍ୟକତା ରହିଛି । ଯେଉଁମାନେ ବଡ଼ଚଣାର ନେତୃତ୍ୱ ନେଉଛନ୍ତି ସେମାନେ ଯୁବକମାନଙ୍କୁ ଠିକଣା ବାଟାରେ ସହଯୋଗ କରୁନାହାଁନ୍ତି। ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ ସମାଜ ପଛରେ ତାଙ୍କର ସେବା ଓ ସହାଯାଗ ରଖିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଶୀଳ୍ପାୟନ ପ୍ରତିଷ୍ଠାନରେ ମୁଖ୍ୟମନ୍ତ୍ରୀ ଆଗେଇ ଚାଲିଛନ୍ତି। ଆମ ରାଜ୍ୟର କର୍ମନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରଚେଷ୍ଟା ଜାରି ରଖିଛନ୍ତି । ଆସନ୍ତା ୨୦୨୪ ଓଡ଼ିଶାରେ ପୁନରାୟ ବିଜେଡ଼ି ସରକାର ଗଠନ କରିବ ଓ ଆମର ପ୍ରିୟନେତା ନବୀନ ବାବୁ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବେ । ମୁଁ ପ୍ରତିଶ୍ରୁତି ଦେଉଛି ଗ୍ରାମାଂଚଳରେ ଜନସାଧାରଣଙ୍କ ଆବଶ୍ୟକତାକୁ ଦଳର ମୁଖ୍ୟଙ୍କ ପାଖରେ ଉପସ୍ଥାପନ କରିବି ଓ ଆମ ବଡ଼ଚଣା ଅଂଚଳର ଯୁବକ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବି । ୨୦୨୪ ନିର୍ବାଚନରେ ବଡ଼ଚଣାର ଯୁବକ ଛାତ୍ର ଓ ମହିଳା ମାନେ ଏକଯୁଟ ହୋଇ ଦଳୀୟ ସଂଗଠନକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକରି ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାର ପ୍ରଚେଷ୍ଟା ଜାରି ରଖିବି। ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟରେ ମୋ ଘର , ଏବଂ ବିଜୁ ପକ୍କାଘର କିଭଳି ଅଧିକ କ୍ରିୟାଶୀଳ ହୋଇପାରିବ ସେଥିପାଇଁ ସେ ମଧ୍ୟ ଚେଷ୍ଟା ଜାରି ରଖିଛନ୍ତି। ମହିଳାମାନଙ୍କର ଆର୍ଥିକ ରୋଜଗାର ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ଯେଉଁଭଳି ଭାବରେ ଅର୍ଥ ଯୋଗାଉଛନ୍ତି ଆଜି ମଧ୍ୟ ମହିଳାମାନେ ଅଧିକ ରୋଜଗାର କ୍ଷମ ହୋଇପାରିଛନ୍ତି ବୋଲି ମୁଖ୍ୟଅତିଥି ଶ୍ରୀ ଲେଙ୍କା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ମାନସ ରଂଜନ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ବାଇକ ପଟୁଆରରେ ୩ଶହରୁ ଉର୍ଦ୍ଧ୍ୱ ଯୁବକମାନେ ଭାଗ ନେଇଥିଲେ।

# ରେଳ ଦୁର୍ଘଟଣାରେ ମୃତାହତ ମାନଙ୍କ ପାଇଁ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ସଭା

ଦର୍ପଣ,(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଷ୍ଟେସନଠାରେ କରମଣ୍ଡଳ ଏକ୍ସପ୍ରେସ, ମାଲବାହୀ ଟ୍ରେନ ଯଶୋବନ୍ତପୁର ହାଓଡା ରେଳଗାଡି ଧକ୍କା ହେବା ଫଳରେ ୩ଶହରୁ ଉର୍ଦ୍ଧ୍ୱ ଯାତ୍ରୀ ମାନଙ୍କର ମୃତ୍ୟୁ ଘଟିଛି ଓ ବହୁ ଯାତ୍ରୀ ଆହାତ ହୋଇ ମେଡିକାଲ ମାନଙ୍କରେ ଚିକିତ୍ସିତ ହେଉଛନ୍ତି। ସେ ନେଇ ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ଆଜି ବରିଷ୍ଠ ନାଗରିକ ମଂଚ ପ୍ରେକ୍ଷାଳୟରେ ଶ୍ରଦ୍ଧାଞ୍ଜଳି ସଭା ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସଂପାଦକ ହେମନ୍ତ ସାମଲ, ଉପସଭାପତି କ୍ଷୀରୋଦ ମାହାଲା, ଉପଜେଷ୍ଟା ସନ୍ତୋଷ ବୀଶ୍ୱାଳ, ବିଜୟ ଜେନା, ପଣ୍ଡିତ ବିଜୟ କୁମାର କରଶର୍ମା, ଶିବରାମସାହୁ, ଶରତ ଚନ୍ଦ୍ର ଜେନା, ପ୍ରଶାନ୍ତ ବିଶ୍ୱାଲ, ଈଶ୍ୱର ସାମଲ. ନୃସିଂହ ସାମଲ, ଉତମ ରଣା, ହର୍ଷବର୍ଦ୍ଧନ ଜେନା, ବଟ ଜେନା, ରାହାସ ବିହାରୀ ଜେନା, ଧ୍ରୁବଚରଣ ରାଉତ, ବିଷ୍ଣୁ ଚରଣ ନାୟକ ପ୍ରମୁଖ ଉପସ୍ଥିତି ଥିଲେ। ମୃତାହତ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ବରିଷ୍ଠ ନାଗତିକ ମାନେ ମୃତାହତ ବ୍ୟକ୍ତିମାନଙ୍କ ପାଇଁ ଦୀପ ଦାନ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହିତ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pööt No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray